

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୩ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 13 JANUARY 2022

Vol.No. 33 ■ No. 13 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022

ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଯୋଗୀଙ୍କ କ୍ୟାବିନେଟରୁ ଆଉ ଜଣେ ମନ୍ତ୍ରୀଙ୍କ ଇସ୍ତଫା

ନୂଆଦିଲ୍ଲୀ,୧୨/୦୧: ବିଧାନସଭା ନିର୍ବାଚନ ପୂର୍ବରୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ମିଳିଲା ଆଉ ଏକ ଝଟକା । ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କ ପରେ ଏବେ ଆଉ ଜଣେ କ୍ୟାବିନେଟ୍ ମନ୍ତ୍ରୀ ଯୋଗୀ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଛନ୍ତି । ଯୋଗୀ କ୍ୟାବିନେଟରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଥିବା ଦାରା ସିଂହ ଚୌହାନ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ପ୍ରଦାନ କରିଛନ୍ତି । ଏହାପୂର୍ବରୁ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଯୋଗୀ କ୍ୟାବିନେଟରୁ ଇସ୍ତଫା ଦେଇଥିଲେ । ତେବେ ସେ ସମାଜବାଦୀ ପାର୍ଟିରେ ଯୋଗଦେବେ କି ନେଇ ତାକୁ ନେଇ ଏବେ ବି ସସପେନ୍ସ ଲାଗି ରହିଛି । ଏହାରି ଭିତରେ ସପା ପ୍ରମୁଖ ଅଖିଳେଶ ଯାଦବଙ୍କ ଏକ ଟୁଇଟକୁ ନେଇ ମଧ୍ୟ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି । ଏହି ଟୁଇଟରେ ଅଖିଳେଶ ସ୍ୱାମୀପ୍ରସାଦଙ୍କୁ ସମାଜବାଦୀ

ପାର୍ଟିକୁ ସ୍ୱାଗତ ବୋଲି ଲେଖିଥିଲେ । ଅନ୍ୟପଟେ ସେ ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ସମାଜବାଦୀ ପାର୍ଟିରେ ଯୋଗ ଦେବା ନେଇ କୌଣସି ବି ଘୋଷଣା କରିନାହାଁନ୍ତି । ତାଙ୍କ ଝିଅ ସଂଘମିତ୍ରା ମୌର୍ଯ୍ୟ ମଧ୍ୟ କହିଛନ୍ତି ତାଙ୍କ ବାପା ସମାଜବାଦୀ ପାର୍ଟିରେ ଏଯାଏଁ ଯୋଗ ଦେଇନାହାଁନ୍ତି । ତେଣୁ ସେ ପୁଣିଥରେ ବିଜେପିକୁ ରିଟର୍ଣ୍ଣ କରିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ଯାହା ଏହି ଦଳବଦଳ ରାଜନୀତିକୁ ଆହୁରି ଅଧିକ ଚର୍ଚ୍ଚିତ କରିଛି । ସୂଚନାଯୋଗ୍ୟ ଯେ, ବିଜେପି ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କୁ ଫେରାଇ ଆଣିବାକୁ ଦୁଇ ନେତାଙ୍କୁ ଦାୟିତ୍ୱ ଦେଇଛି । ଡେପୁଟି ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ବିଜେପି ପ୍ରଦେଶ ଅଧ୍ୟକ୍ଷ ସ୍ୱତନ୍ତ୍ର ଦେବ ସିଂହଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଖୁବଶୀଘ୍ର ଏହି ଦୁଇ ନେତା ସ୍ୱାମୀ ପ୍ରସାଦଙ୍କୁ ଭେଟିବା ସହିତ ତାଙ୍କ ସହିତ କଥାବାର୍ତ୍ତା କରିବେ । ତେବେ ସେ ବିଜେପିକୁ ଫେରିବେ, ନା ସାଇକେଲ ଶିବିରରେ ଯୋଗଦେବେ ତାକୁ ନେଇ ଏବେ ବି ପ୍ରଶ୍ନ ଚିହ୍ନ ଲାଗିରହିଛି ।

ନିର୍ବାଚନ ପ୍ରଚାର ପାଇଁ ଏସଆରସିଙ୍କ ସାନି ଗାଇଡ୍ ଲାଇନ୍

ରାଜନୈତିକ ସମାବେଶ ଉପରେ ରୋକ୍, ୫ ଜଣ ଡୋର ଟୁ ଡୋର ପ୍ରଚାର କରିପାରିବେ

ଭୁବନେଶ୍ୱର, ୧୨/୦୧ (ନି.ପ୍ର): ଆଗକୁ ପଂଚାୟତ ନିର୍ବାଚନ ଥିବା ବେଳେ ନିର୍ବାଚନ ପ୍ରଚାରକୁ ନେଇ ସାନି ଗାଇଡ୍ ଲାଇନ୍ ଜାରି କରିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) । ରାଜ୍ୟରେ କରୋନା ସଂକ୍ରମଣ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଏସଆରସି ୫ତାରିଖର ନିର୍ଦ୍ଦେଶନାମାକୁ ବଦଳାଇ କରୋନା କଟକଣାକୁ କଠୋର କରିବା ସହ ବୁଧବାର ସାନି ଗାଇଡଲାଇନ୍ ଜାରି କରିଛନ୍ତି । ନୂତନ ଗାଇଡ୍ ଲାଇନ୍ ଅନୁଯାୟୀ ନିର୍ବାଚନ ପରିପ୍ରେକ୍ଷୀରେ କୌଣସି ବଡଧରଣର ସମାବେଶର ଆୟୋଜନ ହୋଇପାରିବ ନାହିଁ। ସମାବେଶ ଉପରେ କଟକଣା ଲାଗୁ ହୋଇଛି। ସର୍ବାଧିକ ୫ଜଣ

ଲୋକଙ୍କୁ ଡୋରଟୁ ଡୋର ପ୍ରଚାର କରିବାକୁ ଅନୁମତି ମିଳିବ । ପ୍ରଚାର ସମୟରେ ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବାକୁ ଜରୁରୀ କରାଯାଇଛି। ସାମାଜିକ ଓ ଇଲୋକ୍ଟ୍ରୋନିକ୍ସ ମିଡିଆରେ ଯଥାସମ୍ଭବ ପ୍ରଚାରକୁ ପ୍ରାଥମିକତା ଦେବାକୁ କୁହାଯାଇଛି। କୋଭିଡ୍ ସଂକ୍ରମିତ ପ୍ରାର୍ଥୀ ବ୍ୟକ୍ତିଗତ ଭାବେ ବୁଲି ପ୍ରଚାର କରିପାରିବେ ନାହିଁ । ସେହିପରି ରାଜନୈତିକ ଦଳ ଓ ପ୍ରାର୍ଥୀମାନେ କୋଭିଡ୍ ଗାଇଡଲାଇନକୁ ପାଳନ କରି ନିଜର ପ୍ରଚାରକୁ ଡିଜିଟାଲ, ଭର୍ଚୁଆଲ, ମିଡିଆ ପ୍ଲାଟଫର୍ମ, ମୋବାଇଲ ଆଦି ମାଧ୍ୟମରେ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । ରୋଡ୍ ଶୋ', ପଦଯାତ୍ରା, ସାଇକେଲ, ବାଇକରେ ରାଲି ଓ ଅନ୍ୟାନ୍ୟ ଶୋଭାଯାତ୍ରା ଉପରେ କଟକଣା ଜାରି ହୋଇଛି । କୌଣସି ପ୍ରକାରର ରାଲି କିମ୍ବା ନିର୍ବାଚନ ସଂକ୍ରାନ୍ତରେ ଅନ୍ୟ କୌଣସି ଗୋଷ୍ଠୀର ରାଲିକୁ ଅନୁମତି ଦିଆଯିବ ନାହିଁ । ସେହିପରି ଭୋଟ ଗଣତି ପରେ ବିଜୟ ଶୋଭାଯାତ୍ରା ମଧ୍ୟ ପ୍ରାର୍ଥୀମାନେ କରିପାରିବେ ନାହିଁ । ବିଜୟୀ ପ୍ରାର୍ଥୀ ସହ ସର୍ବାଧିକ ୨ଜଣ ଯାଇପାରିବେ। ଦଳ ଓ ପ୍ରାର୍ଥୀଙ୍କର ବିଭିନ୍ନ ୱାର୍ଡରେ ଥିବା କ୍ୟାମ୍ପ ଅଫିସରେ ମାସ୍କ ଓ ହାତ ଧୋଇବା ପାଇଁ ସାନିଟାଇଜର ରହିବ । ପ୍ରଚାରବେଳେ ଭୋଟରମାନଙ୍କୁ ମଧ୍ୟ ମାସ୍କ ପିନ୍ଧିବା ଓ ହାତ ସାନିଟାଇଜ କରିବାକୁ ପ୍ରାର୍ଥୀମାନେ ପ୍ରୋତ୍ସାହିତ କରିବେ । ▶▶ପୃଷ୍ଠା ୭

ସରକାରୀ ହୋର୍ଡିଂ ଓ ଷ୍ଟିକର ହଟାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨/୦୧ (ନି.ପ୍ର): ପଂଚାୟତ ନିର୍ବାଚନ ପ୍ରକ୍ରିୟା ରାଜ୍ୟରେ ଆରମ୍ଭ ହୋଇସାରିଥିବାବେଳେ ସମସ୍ତ ସରକାରୀ ହୋର୍ଡିଂ ଓ ଗାଡ଼ିଗୁଡ଼ିକରୁ ଯୋଜନାର ପ୍ରଚାର ପାଇଁ ଉଦ୍ଦିଷ୍ଟ ଲୋଗୋର ଷ୍ଟିକର ତୁରନ୍ତ ହଟାଇବାକୁ ଆଜି ରାଜ୍ୟ ନିର୍ବାଚନ କମିଶନର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ନିର୍ବାଚନ କମିଶନରଙ୍କ ସଚିବ ଆଜି ସମସ୍ତ ଜିଲ୍ଲାପାଳଙ୍କ ଚିଠି ଲେଖି ପଂଚାୟତ ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ କଡ଼ାକଡ଼ି ପାଳନ ପାଇଁ କହିଛନ୍ତି । ଜିଲ୍ଲାର ବିଭିନ୍ନ ସରକାରୀ ଅଫିସ ଓ ସାର୍ବଜନୀନ ସ୍ଥାନରେ ସରକାରଙ୍କ ବିଭିନ୍ନ ସଫଳତା ଦର୍ଶାଉଥିବା ହୋର୍ଡିଂ ଲଗାଯାଇଥିବା କଥା ରାଜ୍ୟ ନିର୍ବାଚନ କମିଶନରଙ୍କ ଦୃଷ୍ଟିକୁ ଆସିଛି । ସେହିପରି କେତେକ ସରକାରୀ ଯୋଜନାର ଷ୍ଟିକର ମଧ୍ୟ ସରକାରୀ ଅଫିସରଙ୍କ ଦ୍ୱାରା ବ୍ୟବହାର ହେଉଥିବା ଗାଡ଼ିରେ ଲଗାଯାଉଛି ।

ହାଇକୋର୍ଟ ୫ ଦିନ ସଟ୍‌ଡାଉନ୍

କଟକ, ୧୨/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ହାଇକୋର୍ଟ ଓ ଏହାର କାର୍ଯ୍ୟାଳୟକୁ ୫ ଦିନ ଯାଏ ଶଟଡାଉନ୍ କରାଯାଇଛି। ଅର୍ଥାତ୍ ଜାନୁଆରୀ ୧୩ରୁ ୧୭ ତାରିଖ ଯାଏ ହାଇକୋର୍ଟ ସଟଡାଉନ୍ ରହିବ। ତେବେ ଜାନୁଆରୀ ୧୮ ତାରିଖରୁ ହାଇକୋର୍ଟ ପୁଣିଥରେ କାର୍ଯ୍ୟକାରୀ ହେବ। ଏ ସମ୍ପର୍କରେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ଜାନୁଆରୀ ୧୮ରୁ ଫେବୃଆରୀ ୪ ତାରିଖ ଯାଏ ହାଇକୋର୍ଟ ଦୁଇ ଡିଭିଜନ୍ ବେଞ୍ଚ ଓ ସାତୋଟି ସିଙ୍ଗଲ ବେଞ୍ଚ କେବଳ ଜରୁରୀ ମାମଲାର ଶୁଣାଣି କରିବେ। ▶▶ପୃଷ୍ଠା ୭

ପଂଚଭୂତରେ ଲୀନ ହେଲେ ମିହିର ଦାସ

କଟକ, ୧୨/୦୧ (ନି.ପ୍ର): ଓଡିଆ ସିନେମା ଜଗତର ବର୍ଷୀଆନ କଳାକାର ମିହିର ଦାସ ପଂଚଭୂତରେ ଲୀନ ହୋଇଛନ୍ତି । ସତୀଚଉରାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କ ପୁଅ ଅମ୍ଳାନ ମୁଖାଗ୍ନି ଦେଇଛନ୍ତି । ଗାର୍ଡ ଅଫ ଅନର ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରା ଯାଇଛି । ଆଜି ସକାଳୁ ଲଗାତାର ବର୍ଷା ଜାରି ରହିଥିବା ସତ୍ତ୍ୱେ ବି ପ୍ରଶଂସକମାନେ ତାଙ୍କ ପ୍ରିୟ ଅଭିନେତାଙ୍କ ଶେଷ ଯାତ୍ରାରେ ସାମିଲ ହୋଇଥିଲେ । ତାଙ୍କର ଶେଷ ଟିକକ ଝଲକ ପାଇବା ପାଇଁ ପ୍ରଂଶସକଙ୍କ ଭିଡ ଦେଖିବାକୁ ମିଳିଥିଲା । ବିଶିଷ୍ଟ ରାଜନେତା, ଫିଲ୍ମ ଅଭିନେତାଙ୍କଠାରୁ ଆରମ୍ଭ କରି

ସାଧାରଣ ଲୋକ ସମସ୍ତେ ଶେଷ ଥର ପାଇଁ ଏହି ଭେଟରାନ ଆକ୍ଟରଙ୍କୁ ଦେଖିବାକୁ ଅନେକ ସମୟ ଧରି ଛିଡ଼ା ହୋଇଥିଲେ । ପରିବେଶ ଶୋକାକୁଳ ହୋଇ ପଡିଥିଲା । ଦୀର୍ଘ ବର୍ଷ ଧରି କିଡନି ରୋଗରେ ପୀଡ଼ିତ ଥିବା ମିହିର ଦାସ ମାସେ ତଳେ ଗୁରୁତର ହୋଇପଡ଼ିଥିଲେ। ଏହାପରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେବେଠାରୁ ସେ ଆଇସିୟୁରେ ଥିଲେ। ମଲ୍ଟି ଅର୍ଗାନ ଫେଲୁଅର ହେତୁ ଗତକାଲି ଅପରାହ୍ନ ୩ଟା ୨୫ରେ ତାଙ୍କର ପରଲୋକ ହୋଇଥିଲା ।

ଭୁବନେଶ୍ୱର ପାଇବ ମହିଳା ମେୟର

ଭୁବନେଶ୍ୱର, ୧୨/୦୧ (ନି.ପ୍ର): ଆଗାମୀ ନିର୍ବାଚନରେ ମହିଳାଙ୍କ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ମେୟର ପଦ ସଂରକ୍ଷିତ ରଖାଯାଇଛି। ପ୍ରଥମଥର ପାଇଁ ଭୁବନେଶ୍ୱର ମହାନଗର ନିଗମକୁ ଜଣେ ମହିଳା ମେୟର ମିଳିବ । ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗାଇଡଲାଇନ ଜାରି ହୋଇଛି । ସେହିପରି ବ୍ରହ୍ମପୁର ମହାନଗର ନିଗମ ମେୟର ପଦବି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି । କଟକ ମହାନଗର ନିଗମ ପଦ ଅଣସଂରକ୍ଷିତ ରହିଛି। ମହାନଗର ଗୁଡ଼ିକରେ ସଂରକ୍ଷଣ ବ୍ୟବସ୍ଥା ନେଇ ଆପତି ଥିଲେ ୧୫ ଦିନ ମଧ୍ୟରେ ଜଜଣାଇବାକୁ ଗାଇଡଲାଇନ୍ ରେ ଉଲ୍ଲେଖ କରାଯାଇଛି।

ବର୍ଷା ପାଇଁ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୧୨/୦୧ (ନି.ପ୍ର): ବଙ୍ଗୋପସାଗର ମଧ୍ୟରୁ ରାଜ୍ୟକୁ ପ୍ରବେଶ କରୁଥିବା ଜଳୀୟ ବାଷ୍ପ ପୂର୍ଣ୍ଣବାୟୁ ପ୍ରଭାବରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଓଡିଶାର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୭ ଜିଲ୍ଲାକୁ ବିଜୁଳି ଘଡଘଡି ସହିତ ବର୍ଷା ଆଶଙ୍କା ରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ରହିଛି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ଢ଼େଙ୍କାନାଳ, ରାୟଗଡ଼ା, କୋରାପୁଟ ଓ

ମାଲକାନଗିରି । କାଳବୈଶାଖୀ ଓ ବଜ୍ରପାତ ପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଜାନୁଆରୀ ୧୩ରୁ ୧୪ ତାରିଖ ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର, ଅନୁଗୁଳ, ଢ଼େଙ୍କାନାଳ, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ନୟାଗଡ଼, କଟକ ଓ ଗଞ୍ଜାମ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ କନ୍ଧମାଳ, ବୌଦ୍ଧ, ନୟାଗଡ଼, କଳାହାଣ୍ଡି, ରାୟଗଡ଼ା ଓ ଗଞ୍ଜାମ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ପଂଚାୟତ ନିର୍ବାଚନ : ୧୫ରେ ଜିଲ୍ଲାପାଳ ଏବଂ ଏସ୍‌ପିମାନଙ୍କ ସହ ଆଲୋଚନା କରିବେ ରାଜ୍ୟ ନିର୍ବାଚନ କମିଶନର

ଭୁବନେଶ୍ୱର, ୧୨/୦୧ (ନି.ପ୍ର): ପଂଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ହେବାକୁ ଥିବା ସାଧାରଣ ନିର୍ବାଚନ-୨୨ ସଂପର୍କରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଆସନ୍ତା ୧୫ ତାରିଖ ଦିନ ସାଢେ ୧୦ଟା ସମୟରେ ସମସ୍ତ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ/ପୁଲିସ୍ ଡେପୁଟି କମିଶନର, ରାଜସ୍ୱ କମିଶନର, ରେଞ୍ଜ ଆଇଜି/ ଡିଆଇଜିମାନଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ଆଲୋଚନା କରିବେ । ନିର୍ବାଚନ କମିଶନରଙ୍କ ଓସ୍‌ଓ୍ୱାନ୍ ସମ୍ମିଳନୀ କକ୍ଷରେ ନିର୍ବାଚନ କମିଶନରଙ୍କ ସହ ମୁଖ୍ୟ ଶାସନ ସଚିବ, ପୁଲିସ୍ ଡିଜି, ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଗୃହ ସଚିବ, ସ୍ୱାସ୍ଥ୍ୟ ସଚିବ ଓ ପଂଚାୟତିରାଜ ବିଭାଗର ସଚିବ ପ୍ରମୁଖ ଉପସ୍ଥିତ ରହିବେ ଓ ସେହିପରି ଜିଲ୍ଲା ଓସ୍‌ଓ୍ୱାନ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ,ଡିସିପି ରାଜସ୍ୱ କମିଶନର, ରେଞ୍ଜ ଆଇଜି/ଡିଆଇଜି ପ୍ରମୁଖ ଉପସ୍ଥିତ ରହିବେ । ଆଗାମୀ ଦିନରେ ହେବାକୁ ଥିବା ପଂଚାୟତ ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ନିରାପଦ କରିବା ସହ ସୁରୁଖୁରୁରେ ନିର୍ବାଚନ ପରିଚାଳନା, ନିର୍ବାଚନବେଳେ ଆଇନଶୃଙ୍ଖଳା ରକ୍ଷା, ନିର୍ବାଚନ ସମୟରେ ରାଜ୍ୟରେ କୋଭିଡ୍-୧୯ ମଧ୍ୟରେ କିପରି ଭାବରେ ନିରାପଦ ନିର୍ବାଚନ ହୋଇପାରିବ ସେ ସଂପର୍କରେ ବିସ୍ତୃତ ଆଲୋଚନା ହେବ ବୋଲି ରାଜ୍ୟ ନିର୍ବାଚନ ଆୟୋଗଙ୍କ ସୂତ୍ରରୁ ପ୍ରକାଶ ।

ରାଜ୍ୟରେ ରେକର୍ଡ ୬୭ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୨/୦୧(ନି.ପ୍ର): ରାଜ୍ୟରେ ରେକର୍ଡ ସଂଖ୍ୟକ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବୁଧବାର ଦିନ ସର୍ବାଧିକ ୬୭ ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୭୦କୁ ବୃଦ୍ଧି ପାଇଛି। ଆଇଏଲ୍‌ଏସ୍ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଏହି ସୂଚନା ଦିଆଯାଇଛି। ଆଇଏଲ୍‌ଏସ୍

ପକ୍ଷରୁ କୁହାଯାଇଛି ଯେ ୨୬୩ ଜଣଙ୍କର ନମୁନା ଜିନମ୍ ସ୍ୱିକେନ୍ସିଂ ପାଇଁ ପଠାଯାଇଥିଲା। ଏଥିରୁ ୬୭ ଜଣଙ୍କର ରିପୋର୍ଟରେ ଓମିକ୍ରନ୍ ସଂକ୍ରମଣ ଚିହ୍ନଟ ହୋଇଛି। ନୂଆ ସଂକ୍ରମିତ ବ୍ୟକ୍ତି ସ୍ଥାନୀୟ ସଂକ୍ରମଣରୁ ଆକ୍ରାନ୍ତ ହୋଇଛନ୍ତି। ଏହାସହିତ ରାଜ୍ୟରେ ଓମିକ୍ରନ ସଂକ୍ରମିତ ସଂଖ୍ୟା ୧୭୦କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ୨୧ ତାରିଖରେ ପ୍ରଥମ ଥର ପାଇଁ ୨ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ।

କାମ ଦେବନି ବୁଷ୍ଟର ଡୋଜ୍ : ଆଇସିଏମଆରର ବରିଷ୍ଠ ଚିକିତ୍ସକଙ୍କ ମତ

ନୂଆଦିଲ୍ଲୀ,୧୨/୦୧: ଦେଶରେ ବୁଷ୍ଟର ଡୋଜ ଦେବା ଆରମ୍ଭ ହୋଇଛି । ଏହାରି ଭିତରେ ଆଇସିଏମଆରର ବରିଷ୍ଠ ଚିକିତ୍ସକଙ୍କ ମତକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଡାକ୍ତର ଜୟପ୍ରକାଶ ମୁଲିୟଲ କହିଛନ୍ତି, ବୁଷ୍ଟର ଡୋଜ୍ କୌଣସି ବଡ଼ ଧରଣର ପରିବର୍ତ୍ତନ ଆଣିପାରିବ ନାହିଁ । ସଂକ୍ରମଣ ହେବ ହିଁ ହେବ । ସେ ଆହୁରି ମଧ୍ୟ କହିଛନ୍ତି, କୋଭିଡ ଆଉ ଏବେ ଏକ ଭୟଙ୍କର ରୋଗ ହୋଇ ରହିନାହିଁ । ଦେଶରେ ବୁଷ୍ଟର ଡୋଜ୍ ଦେବା ଆରମ୍ଭ ହୋଇଯାଇଥିବା ବେଳେ ଭାରତୀୟ ଭେଷଜ ଗବେଷଣା ପରିଷଦ, ଆଇସିଏମଆରର ବରିଷ୍ଠ ଚିକିତ୍ସକ ଡାକ୍ତର ଜୟପ୍ରକାଶ ମୁଲିୟଲ ଯେଉଁ ମତ ପ୍ରକାଶ କରଛନ୍ତି ତାହା ଏବେ ଚର୍ଚ୍ଚା ସୃଷ୍ଟି କରିଛି । ଡାକ୍ତର

ଜୟପ୍ରକାଶଙ୍କ କହିବା କଥା ହେଲା, "ବୁଷ୍ଟର ଡୋଜ୍ କୌଣସି ବଡ଼ ଧରଣର ପରିବର୍ତ୍ତନ ଆଣିପାରିବ ନାହିଁ । ସଂକ୍ରମଣ ହେବ ହିଁ ହେବ । ବୁଷ୍ଟର ଡୋଜ୍ ସତ୍ତ୍ୱେ ସାରା ବିଶ୍ୱରେ ସଂକ୍ରମଣ ହୋଇଛି । ଆମ ମଧ୍ୟରୁ ଅଧିକାଂଶଙ୍କୁ ଜଣାପଡ଼ିବନି ଯେ, ସଂକ୍ରମିତ ହୋଇସାରିଲେଣି । ଏହା ୮୦ ପ୍ରତିଶତଙ୍କ କ୍ଷେତ୍ରରେ ଘଟିପାରେ । ଆମେ ଡେଲଟା ଭୂତାଣୁ ଠାରୁ ଅନ୍ୟ ଏକ ଭାରିଆଣ୍ଟ ସହ ମୁକାବିଲା କରୁଛେ । ଏହାକୁ ରୋକିବା ଅସମ୍ଭବ ।'ତେବେ କୋଭିଡକୁ ନେଇ ଆଶ୍ୱସ୍ତ କଲା ଭଳି ମତ ମଧ୍ୟ ସେ ରଖିଛନ୍ତି । କହିଛନ୍ତି, "କୋଭିଡ ଆଉ ଏବେ ଏକ ଭୟଙ୍କର ରୋଗ ହୋଇ ରହି ନାହିଁ । ନୂଆ ଭାରିଆଣ୍ଟ ଓମିକ୍ରନ କମ୍ କ୍ଷତିକାରକ । ଏଥିରେ ଆକ୍ରାନ୍ତ ହେବା ପରେ କମ୍ ଲୋକ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି । ସଂକ୍ରମଣରୁ ସୁସ୍ଥ ହେବା ପରେ ସୃଷ୍ଟି ହେଉଥିବା ପ୍ରାକୃତିକ ପ୍ରତିଷେଧକ ଶକ୍ତି ସାରା ଜୀବନ ରହିଥାଏ, ଆଉ ଏହି କାରଣରୁ ଭାରତ ଏଥର ସେତେଟା ପ୍ରଭାବିତ ହୋଇନାହିଁ । ୮ଟି ରାଜ୍ୟର ସଂକ୍ରମଣ ବଢ଼ାଉଛି ଚିନ୍ତା । ୩ଶହ ଜିଲ୍ଲାରେ ସାପ୍ତାହିକ ସଂକ୍ରମଣ ହାର ୫%ରୁ ଅଧିକ । ଦେଶର ୮ଟି ରାଜ୍ୟରେ ବଢୁଥିବା ସଂକ୍ରମଣ ଏବେ ଚିନ୍ତା ବଢ଼ାଇଛି । ଏହି ସବୁ ରାଜ୍ୟ ହେଲା ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଦିଲ୍ଲୀ, କେରଳ ଓ ଗୁଜରାଟ । ଦେଶର ୩ଶହ ଜିଲ୍ଲାରେ ସାପ୍ତାହିକ ସଂକ୍ରମଣ ହାର ୫ ପ୍ରତିଶତରୁ ଅଧିକ । ଦେଶରେ ଆକ୍ଟିଭ୍ କେସ୍ ସ

ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

କୋଭିଡ ନିୟମକୁ ମାନି ନିରାଡ଼ମ୍ବର ଭାବେ ପାଳନ ହେବ ସାଧାରଣତନ୍ତ୍ର ଦିବସ

ଭବାନୀପାଟଣା,୧୨/୧ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲାପାଳ ଡଃ. ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ୨୦୨୨ ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରି ଦିବସ ପାଳନ ପାଇଁ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ୨୬.୦୧.୨୦୨୨ ରିଖ ଦିନ ସକାଳ ୫ଟା ସମୟରେ ରାମଧୂନ ପରିବେଷଣ, ସକାଳ ୭ଟା ୩୦ ମିନିଟ ସମୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତୋଳନ, ସକାଳ ୭ଟା ସମୟରେ ପୌରପରିଷଦ, ଭବାନୀପାଟଣା ଦ୍ୱାରା ସହରରେ ଅବସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତି ମାନଙ୍କରେ ମାଲ୍ୟାର୍ପଣ ସହ ପୂଜ୍ୟପୂଜା, ସକାଳ ୮ଟା ୩୦ ମିନିଟ ସମୟରେ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ ଓ ଉଦବୋଧନ ପରେ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଫଳ ଓ ମିଷ୍ଟାନ୍ନ ବଂଟନ କରାଯିବ । ତୃତୀୟ ଲହର ସଂକ୍ରମଣ ଓ କୋଭିଡ ଗାଇଡଲାଇନ୍ କଟକଣାକୁ ଦୃଷ୍ଟିରେ ରଖି କେବଳ ସୁରକ୍ଷା ବାହିନୀ ବ୍ୟତୀତ କୌଣସି ସ୍କୁଲ, କଲେଜର ପ୍ୟାରେଡ ଟ୍ରୁପ୍ ପ୍ୟାରେଡ ପଡିଆରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯାଇ ନାହିଁ । ଡି. ଇ. ଓ, କଳାହାଣ୍ଡି ତଥା ରେଜିଷ୍ଟ୍ରାର, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଦ୍ୱାରା ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନ୍ ଲାଇନ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଦାତା ଅନୁଷ୍ଠାନ ଦ୍ୱାରା ଡାକ୍ତଖାନାର ଶିଶୁ ୱାର୍ଡ ଓ ଜେନେରାଲ ୱାର୍ଡ, ରେଡକ୍ରସ ଭିନ୍ନକ୍ଷମ ବିଦ୍ୟାଳୟ, ଶିଶୁ ଭାରତୀ ଅନାଥାଶ୍ରମ, କାରାଗାରର ଅନ୍ତେବାସୀ ମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଂଟନର କାର୍ଯ୍ୟକ୍ରମ ରହିଛି । ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ବ୍ୟାରିକେଡିଂ, ଚୌକି, ଟେଂଟ୍, ସାନିଟାଇଜର୍ ବ୍ୟବସ୍ଥା, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା, ଶାନ୍ତିଶୃଙ୍ଖଳା, ପ୍ୟାରେଡ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । କୋଭିଡ କଟକଣା ଯୋଗୁଁ ଚଳିତ ବର୍ଷ ପଡିଆରେ କୌଣସି ସାମୁହିକ ବ୍ୟାୟାମ କୌଶଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ । କେବଳ କୋଭିଡ ଯୋଦ୍ଧା, ବିଭାଗୀୟ ଅଧିକାରୀ, ସାମ୍ବାଦିକଙ୍କ ଉପସ୍ଥିତିରେ ୧୦୦ ଜଣ ଅତିଥିଙ୍କୁ ନେଇ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ । ଜନ ସାଧାରଣଙ୍କ ଗହଳିକୁ ବାରଣ କରାଯାଇଛି ।

ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏ. ଡି. ଏମ୍, ଶରତ ଚନ୍ଦ୍ର ଶ୍ରୀ ଚନ୍ଦନ, ପି. ଡି. ଡି. ଆର.ଡି. ଏ, ସୋମେଶ୍ କୁମାର ଉପାଧ୍ୟାୟ, ଉପଜିଲ୍ଲାପାଳ, ଭବାନୀପାଟଣା ଡଃ. ବିଶ୍ୱଜିତ ଦାସ ସି. ଡି. ଏମ୍. ଓ, ଇ.ଇ (ଆର୍ ଏଣ୍ଡ ବି), ପି.ଏ,ଆଇ.ଟି.ଡିଏ, ପି. ଡି ୱାଟରସେଡ୍, ଡି.ଡି(ଉଦ୍ୟାନ ବିଭାଗ), ଡି.ଡି (ଡି.ପି.ଏମ୍.ୟୁ), ସି.ଏସ୍.ଓ, ବି.ଡି.ଓ / ତହସିଲଦାର, ଭବାନୀପାଟଣା, ଇ.ଓ ମ୍ୟୁନିସିପାଲିଟି, ଡି.ଏସ୍.ଓ, ଡି.ସି.ଓ, ଡି.ଡବ୍ଲ୍ୟୁ.ଓ, ଡି.ଏସ୍.ଡବ୍ଲ୍ୟୁ.ଓ, ଆ.ଆଇ (ରିଜର୍ଭ), ଇ.ଇ (ବିଦ୍ୟୁତ) ପ୍ରମୁଖ ଅଧିକାରୀଙ୍କ ସହ ହାଇସ୍କୁଲ ଓ କଲେଜର ଉଚ୍ଚ କର୍ମକର୍ତା, ଜୟ ପ୍ରକାଶ ନାରାୟଣ ସେବା ଅନୁଷ୍ଠାନ, ଏମ୍.ଏସ୍.ଏ, ସେଓ୍ୱା, ରୋଟାରୀ ଅନୁଷ୍ଠାନ କର୍ମକର୍ତା ତଥା ସାମ୍ବାଦିକଗଣ ଉପସ୍ଥିତ ଥିଲେ ।

୭୩ ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ

ମାଲକାନଗିରି,୧୨/୧ (ନି.ପ୍ର): ୭୩ ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ବୀରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ! ସାଧାରଣତନ୍ତ୍ର ଦିବସ କୁ ଲୋକ ସଂପର୍କ ବିଭାଗ କୋଭିଡ ନିୟମାବଳି ଅନୁଯାୟୀ କିପରି ଭାବରେ ସଫଳତାର ସହିତ ପାଳନ କରାଯାଇପାରିବ ସେହି ବିଷୟରେ ସଭାରେ ଆଲୋଚନା କରାଯାଇ ନିଷ୍ପତି ନିଆଯାଇଥିଲା ! ବିଭିନ୍ନ ବିଭାଗର କର୍ମଚାରୀ ଯେଉଁମାନେ ଉତମ କାର୍ଯ୍ୟ ସଂପାଦନ କରିବା ସହ ଉଚ୍ଚ ପ୍ରଶଂସିତ ହୋଇଛନ୍ତି ସେମାନଙ୍କୁ ସାଧାରଣତନ୍ତ୍ର ଦିବସ ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ସମ୍ମାନୀତ କରାଯିବ ! ଏହି ବର୍ଷ ମଧ୍ୟ କୋଭିଡ ନିୟମାବଳି ଅନୁଯାୟୀ କେବଳ ପୋଲସି ବାହିନୀ ହିଁ ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ଅଂଶ ଗ୍ରହଣ କରିବେ ଏବଂ କୌଣସି ସ୍କୁଲ ବା କଲେଜ ଅଂଶ ଗ୍ରହଣ କରିବେ ନାହିଁ ! ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନୟନ୍ନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ, ପୌରପରିଷଦ କାର୍ଯ୍ୟନିର୍ବହୀ ଅଧିକାରୀ ତ୍ରିଶୂଳ ମାରାଣ୍ଡି, ଡେପୁଟି କଲେକ୍ଟର ଲଳିତ ମଣ୍ଡଲ, ଆସିଷ୍ଟାଣ୍ଟ ଇଂଜିନିୟର ଗୌରବ କୁମାର କାଲୋ, ଜିଲ୍ଲା କ୍ରୀଡା ଅଧିକାରୀ କୁଳମଣି ନିଆଲ , ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ରଂଜନ କୁମାର ସ୍ୱାଇଁ ଓ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ସଭାରେ ଉପସ୍ଥିତ ରହିଥିଲେ ।

ବି.ଏସ.ଏଫ ଯବାନଙ୍କୁ ଦିଆଗଲା କୋଭିଡ ବୁଷ୍ଟର ଡୋଜ

ମାଲକାନଗିରି,୧୨/୧ (ନି.ପ୍ର): ଆଜି କୁଡୁମୁଲୁଗୁମ୍ଫା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ଥାନୀୟ ବି.ଏସ.ଏଫ ଯବାନ ମାନଙ୍କୁ କୋଭିସିଲ୍ଡ ଭେକସିନ ର ବୁଷ୍ଟର ଡୋଜ୍ ଦିଆଯାଇଛି । ସରକାରଙ୍କ ନିର୍ଦ୍ଦେଶ କ୍ରମେ , କରୋନା ଭୁତାଣୁ ର ମୁକାବିଲା ପାଇଁ ସମସ୍ତ ଆଗଧାଡିର କର୍ମକର୍ତା ମାନଙ୍କୁ ପ୍ରଥମେ ଏହି ବୁଷ୍ଟର ଡୋଜ୍ ଦିଆଯିବ । ପାଖାପାଖି ୪୦ ରୁ ୫୦ ଜଣ ଯବାନ ମାନଙ୍କୁ ଏହି ବୁଷ୍ଟର ଡୋଜ୍ ଦିଆଯାଇଥିବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ. ସନ୍ତୋଷ କୁମାର ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି ।

କେମେରିଆନ କ୍ଲବ ସାଧାରଣ ପରିଷଦ ବୈଠକ

ବଲାଙ୍ଗିର,୧୨/୧ (ନି.ପ୍ର): ବଲାଙ୍ଗିର, ସୋନପୁର, ନୂଆପଡ଼ା ଜିଲ୍ଲାରେ ଥିବା ଫଟୋ ଷ୍ଟୁଡ଼ିଓ ମାନଙ୍କର ସତ୍ୱାଧିକାରୀଙ୍କୁ ନେଇ ଗତ ୨୦୧୮ ମସିହାରେ ଗଠନ ହୋଇଥିବା କେମେରିଆନ କ୍ଲବ ବଲାଙ୍ଗିରର ସାଧାରଣ ପରିଷଦ ବୈଠକ ରାଜଖରିଆର ନିକଟସ୍ଥ ତିଖାଲି ଡ୍ୟାମ ଠାରେ ଅନୁଷ୍ଠିତ ହୋଇଯାଇଛି । ସଭାକାର୍ଯ୍ୟ ପ୍ରାରମ୍ଭରେ ଖରିଆରର ଇଷ୍ଟଦେବୀ ମା ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା । କ୍ଲବର ସଭାପତି ଅଭୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଭାପତି ଅଭୟ କୁମାର ସାହୁ, ସମ୍ପାଦକ ଧନମତ ପାଣିଗ୍ରାହୀ, ସହସମ୍ପାଦକ ସୋମନାଥ ସାହୁ, ପାଟଣାଗଡ଼ ୟୁନିଟ୍ ମୁଖ୍ୟ ରମେଶ ଚନ୍ଦ୍ର ସାହୁ, କଂଟାବାଞ୍ଜି ୟୁନିଟ୍ ମୁଖ୍ୟ ନିର୍ମଳ ବେହେରା ମଂଚାସୀନ ଥିବାବେଳେ ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ କ୍ଲବ ର ଉପସଭାପତି ବୁଲୁ ଦାଶ । ଆଗାମୀ ଦିନରେ କ୍ଲବ ଆହୁରି କିପରି ସୁଦୃଢ଼ ହୋଇପାରିବ, ସମସ୍ତ ସଦସ୍ୟଙ୍କ ପାଇଁ ଗ୍ରୁପ୍ ଇନ୍ସୁରେନ୍ସ ଇତ୍ୟାଦି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ସମ୍ପାଦକ ଧନମତ ପାଣିଗ୍ରାହୀଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ନିର୍ମଳ ବେହେରା ।କଂଟାବାଞ୍ଜି ୟୁନିଟ୍ ଦ୍ୱାରା ଆୟୋଜନ କରାଯାଇଥିବା ଏହି ସଭାରେ ସୋନପୁର, ବଲାଙ୍ଗିର, ପାଟଣାଗଡ଼, ଟିଟିଲାଗଡ଼, କଂଟାବାଞ୍ଜି, ବୀରମହାରାଜପୁର ଆଦି ବିଭିନ୍ନ ସ୍ଥାନରୁ କ୍ଲବର ସଦସ୍ୟ ମାନେ ଯୋଗଦେଇଥିଲେ । ଶେଷରେ ଏକ ଭୋଜିର ଆୟୋଜନ ହୋଇଥିଲା ।

କେନ୍ଦୁଝର ଜାତୀୟ ରାଜପଥ କଡରେ ବେଆଇନ ଟାଙ୍କି ନିର୍ମାଣକୁ ତୀବ୍ର ବିରୋଧ

କେନ୍ଦୁଝର,୧୨/୧ (ନି.ପ୍ର): କେନ୍ଦୁଝର ସହର ସିରାଜୁଦ୍ଦିନ ଛକ ନିକଟ ଜାତୀୟ ରାଜପଥ ୪୯ ନମ୍ବର କଡରେ ଏକ ବେଆଇନ ଟାଙ୍କି ନିର୍ମାଣ କୁ ତୀବ୍ର ବିରୋଧ ହେବା ପରେ ପୌରପାଳିକା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । କେନ୍ଦୁଝର ସହରରେ ବେଧଡକ ବେଆଇନ ନିର୍ମାଣ କାର୍ଯ୍ୟ ଚାଲିଥିଲେ ହେଁ ଏଥିପ୍ରତି ଅଙ୍କୁଶ ଲଗାଯାଇ ପାରୁନଥିବା ବେଳେ ଏଭଳି ଏକ ବେଆଇନ ନିର୍ମାଣକୁ ଅଭିଯୋଗ ପରେ ପୌରପାଳିକା ପକ୍ଷରୁ ତାକୁ ବନ୍ଦ କରାଯାଇଛି । ଉକ୍ତ ବ୍ୟବସାୟିକ କୋଠାରେ ଘରୋଇ ବ୍ୟାଙ୍କ ସମେତ ବହୁ ବ୍ୟବସାୟିକ ଦୋକାନ ରହିଥିଲେ ହେଁ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ । ଏଭଳି ପରିସ୍ଥିତିରେ କୋଠା ଆଗରେ ବିନା ଅନୁମତିରେ ବଡ ଟାଙ୍କି ପାଇଁ ଖନନ କରାଯାଉଥିବାକୁ ନେଇ ଅଭିଯୋଗ ହୋଇଥିଲା । ସହର ଜନସଂଖ୍ୟାକୁ ବୃଦ୍ଧିକୁ ଆଖି ଆଗରେ ରଖି ଏବଂ ବୃଦ୍ଧି ପାଉଥିବା ଟ୍ରାଫିକ ଦୃଷ୍ଟିରୁ ଭବିଷ୍ୟତରେ ଉକ୍ତ ରାସ୍ତା ସଂପ୍ରସାରଣ ହେବାର ଯୋଜନା ରହିଛି । ଏଣୁ ଏଭଳି ବେଆଇନ ନିର୍ମାଣ କାର୍ଯ୍ୟ ବିରୁଦ୍ଧରେ ଆଇନଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହୋଇଛି । ଏ ନେଇ ପୌରପାଳିକା ଏନଫୋର୍ସମେଟଂଣ୍ଟ ଦାୟିତ୍ୱରେ ଥିବା ସିନିୟର ଆସିଷ୍ଟାଂଟ ଦୀପକ କୁମାର ବେହେରାଙ୍କୁ ପଚାରିବାରୁ କାମ ବନ୍ଦ କରାଯାଇଛି ଏବଂ ଖିଲାପକାରୀଙ୍କ ବିରଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ବଲାଙ୍ଗିରରେ କୋଭିଡ୍ ହସ୍ପିଟାଲର ହେଲ୍ପଲାଇନ ନମ୍ବର ଜାରି କଲା ଜିଲ୍ଲା ପ୍ରଶାସନ

ବଲାଙ୍ଗିର,୧୨/୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପ୍ରଶାସନ ବଲାଙ୍ଗିର ଜିଲ୍ଲା ରେ ଖୋଲା ଯାଇଥିବା ତିନିଗୋଟି କୋଭିଡ୍ ୧୯ ହସ୍ପିଟାଲ ର ହେଲ୍ପଲାଇନ ନମ୍ବର ଜାରି କରିଛି । ବଲାଙ୍ଗିର ଭୀମଭୋଇ ମେଡିକାଲ୍ କଲେଜ ହସ୍ପିଟାଲ ହେଲ୍ପ ଡେସ୍କ କୋଭିଡ୍ ୱାର୍ଡ ନମ୍ବର ୦୬୬୫୨ ୨୩୫୭୫୮ , ବଲାଙ୍ଗିର (ବାଳିକା ହଷ୍ଟେଲ)ପଲିଟେକନିକ ଲଡ଼କିପାଲିରେ ଖୋଲା ଯାଇଥିବା କୋଭିଡ଼ କେୟାର ସେଂଟର ନମ୍ବର ୮୯୮୪୪ ୯୨୧୦୬ ଏବଂ ଟିଟିଲାଗଡ଼ ସବଡିଭିଜନ ହସ୍ପିଟାଲ ରେ ଥିବା ଏମ୍ ସି ଏଚ କଣ୍ଟ୍ରୋଲ ନମ୍ବର ୯୮୬୧୮ ୧୫୫୦୬ ।

ରାଉରକେଲାବାସୀଙ୍କୁ କୋଭିଡ୍ ଉପଯୋଗୀ ଆଚରଣ ପାଳନ କରିବାକୁ ଅନୁରୋଧ କଲା ପ୍ରଶାସନ

ରାଉରକେଲା,୧୨/୧ (ନି.ପ୍ର): ରାଉରକେଲା ସହରରେ କୋଭିଡର ତୃତୀୟ ଲହରକୁ ମୁକାବିଲା କରିବା ପାଇଁ ମହାନଗର ନିଗମ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି । ବିଶେଷକରି କୋଭିଡ୍ ପରୀକ୍ଷା, ଚିକିତ୍ସା ଏବଂ ଟିକାକରଣ ଉପରେ ଗୁରୁତ୍ୱ ଦିଆଯିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କୋଭିଡ୍ ନିୟମ କିପରି ଭଲଭାବେ ପାଳନ କରାଯିବ ତା' ଉପରେ ପ୍ରଶାସନ ଧ୍ୟାନ ଦେଉଛି । ତେଣୁ ଏ ଦିଗରେ ସ୍ଥାନୀୟ ଜନସାଧାରଣ ପ୍ରଶାସନକୁ ସହଯୋଗ କରିବା ପାଇଁ ରାଉରକେଲା ମହାନଗର ନିଗମର କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର ଅନୁରୋଧ କରିଛନ୍ତି । ''ରାଉରକେଲାରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି । କୋଭିଡ୍ ସଂକ୍ରମଣ ଚେନ୍ ଭାଙ୍ଗିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି । କୋଭିଡ୍ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା ପାଇଁ ରାଉରକେଲାରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲଗୁଡ଼ିକ ପ୍ରସ୍ତୁତ ରହିଛି । ସେଠାରେ ଆବଶ୍ୟକ ସଂଖ୍ୟକ ବେଡ୍ ଓ ଅକ୍ସିଜେନ୍ ମଧ୍ୟ ମହଜୁଦ ରହିଛି । ତା'ଛଡ଼ା ଟେଷ୍ଟିଂ, ଟ୍ରାକିଂ ଏବଂ ଟିକାକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି'', କହିଛନ୍ତି କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର । ରାଉରକେଲାରେ କୋଭିଡ୍ ପରୀକ୍ଷା ପାଇଁ ୪ଟି କେନ୍ଦ୍ର କରାଯାଇଛି । ଛେଣ୍ଡ୍ ସ୍ଥିତ ଆହୁତି ଭବନ, ସେକ୍ଟର-୧ ସ୍ଥିତ ସେଲ ହେଲଥ ସେଣ୍ଟର, ଇସ୍ପାତ ଜେନେରାଲ ହସ୍ପିଟାଲ ଓ ରାଉରକେଲା ସରକାରୀ ଚିକିତ୍ସାଳୟରେ ମାଗଣାରେ ଉଭୟ ଆରଟିପିସିଆର ଏବଂ ଆଣ୍ଟିଜେନ୍ ପରୀକ୍ଷା କରାଯାଉଛି । ଏହା ସହ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଓ ବସ୍ତି ଅଞ୍ଚଳରେ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ କୋଭିଡ୍ ପରୀକ୍ଷା କରାଯାଉଛି । ସେହିପରି ଟିକାକରଣକୁ ବ୍ୟାପକ କରିବା ଉପରେ ରାଉରକେଲା ମହାନଗର ନିଗମ ଗୁରୁତ୍ୱ ଦେଉଛି । ଏଥିପାଇଁ ସହରରେ ୬ଟି ଟିକାକରଣ କେନ୍ଦ୍ର ରହିଛି । ବିଭିନ୍ନ ବର୍ଗର ଲୋକମାନେ କୋଭିଡ୍ ସତର୍କତା ଭିତରେ ଆସି ଟିକା ନେଉଛନ୍ତି । ନିକଟରେ ସରକାର ଆଗଧାଡ଼ିର କୋଭିଡ୍ ଯୋଦ୍ଧା ଏବଂ ବହୁବିଧ ରୋଗରେ ପୀଡ଼ିତ ୬୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କ ଲାଗି ବୁଷ୍ଟର ଡୋଜ୍ ଟିକାକରଣ ଆରମ୍ଭ କରିଛନ୍ତି । ରାଉରକେଲାରେ ମଧ୍ୟ ହିତାଧିକାରୀମାନଙ୍କୁ ଟିକା ଦିଆଯାଉଛି । ତେଣୁ ଯେଉଁମାନେ ଟିକା ନେଇ ନାହାନ୍ତି ସେମାନେ ପଞ୍ଜୀକରଣ କରି ଟିକା ନେବାକୁ ରାଉରକେଲା ମହାନଗର ନିଗମ କମିଶନର ଅନୁରୋଧ କରିଛନ୍ତି । କୋଭିଡ୍ ଉପଯୋଗୀ ଆଚରଣ ପାଳନ କରିବାକୁ ରାଉରକେଲା ସହରବାସୀଙ୍କୁ କମିଶନର ଅପିଲ୍ କରିଛନ୍ତି । ଭଲଭାବେ ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା ଲାଗି ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ସର୍ବସାଧାରଣ ସ୍ଥାନ, ହାଟ, ବଜାର ଆଦି ଅଞ୍ଚଳରେ ସରକାରଙ୍କ କୋଭିଡ୍ ନିୟମ ଠିକ୍ ଭାବେ ପାଳନ ହେଉଛି କି ନାହିଁ ତାହା ଅନୁଧ୍ୟାନ କରିବା ପାଇଁ ମହାନଗର ନିଗମ ପକ୍ଷରୁ ୫ଟି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି । ଏହି ସ୍କ୍ୱାଡ୍ ନିୟମିତ ଭାବେ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଉପରେ ନଜର ରଖିଛନ୍ତି । ଏହା ସହ କୋଭିଡ୍ ସଂକ୍ରମଣ ଚେନ ଭାଙ୍ଗିବା ପାଇଁ ପ୍ରଶାସନ ପକ୍ଷରୁ ସର୍ବସାଧାରଣ ସ୍ଥାନ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ଆଦି ଅଞ୍ଚଳକୁ ବିଶୋଧନ କରାଯାଉଛି । କୋଭିଡ୍ ସମ୍ପର୍କିତ ସୂଚନା ଓ ପରାମର୍ଶ ପାଇଁ ରାଉରକେଲା ମହାନଗର ନିଗମ ପକ୍ଷରୁ ୨୪ ଘଣ୍ଟିଆ ହେଲ୍ପଲାଇନ୍ ୧୮୦୦ ୩୪୫ ୭୪୬୮ ରହିଛି । ଆବଶ୍ୟକ ହେଲେ ଜନସାଧାରଣ ମାଗଣାରେ ଏହି ନମ୍ବରରେ କଲ୍ କରିପାରିବେ ।

ନିଆଁ ଲାଗି ପୋଡିଗଲା ଭେଣ୍ଡିଜୋନର ୪ଟି ଦୋକାନ : ଲକ୍ଷାଧିକ ଟଙ୍କାର ଜିନିଷପତ୍ର ନଷ୍ଟ

କେନ୍ଦୁଝର ,୧୨/୧ (ନି.ପ୍ର): କେନ୍ଦୁଝର ସହର ଅନ୍ତର୍ଗତ ଏନ. ଏଚ କଡରେ ଥିବା ମୋଚିବନ୍ଧ ସ୍କୁଲ ନିକଟସ୍ଥ ଭେଣ୍ଡି ଜୋନରେ ନିଆଁ ଲାଗି ୩ ଟି ଦୋକାନ ସଂପୂର୍ଣ୍ଣ ପୋଡି ଯାଇଥିବା ବେଳେ ଗୋଟିଏ ଦୋକାନର ଅଳ୍ପ କ୍ଷତି ହୋଇଛି । ଭୋର ପ୍ରାୟ ୪ଟା ରୁ ୫ ଟା ଭିତରେ ହଠାତ୍ ଗାଡି ସିଟ ଓ ଗଦି ଆଦି ତିଆରି ହେଉଥିବା ଦୋକାନ ରେ ନିଆଁ ଲାଗିଯିବାରୁ ଏହା ପୋଡି ଯାଇଥିଲା । ଏବଂ ଏହି ନିଆଁ ହୁତ ହୁତ ହୋଇ ଜଳିବା ସହ ପାଖରେ ଥିବା ଅନ୍ୟ ଏକ ଗାଡି ସିଟ ଦୋକାନ ଓ ମୋଟର ସାଇକେଲ ସାଜସଜା ଦୋକାନରେ ନିଆଁ ଲାଗିଯାଇ ଜଳିଯାଇଥିଲା । ପରେ ପରେ ପାଖରେ ଥିବା ଅନ୍ୟ ଏକ ଜଳଖିଆ ଦୋକାନରେ ନିଆଁ ଲାଗିଥିଲେ ମଧ୍ୟ ବିଶେଷ କ୍ଷତି ହୋଇନାହିଁ । ଖବର ପାଇ ଦମକଳ ବାହିନୀ ପହଁଚି ନିଆଁ ଲିଭାଇ ଥିଲେ ହେଁ ସେତେବେଳକୁ ୩ ଟି ଯାକ ଭେଣ୍ଡିଜୋନ ଦୋକାନ ଜଳି ଯାଇଥିଲା । ତେବେ ହୁଏତ ସର୍ଟ ସର୍କିଟରୁ ନିଆଁ ଲାଗି ଏଭଳି ଅଗ୍ନିକାଣ୍ଡ ହୋଇଥିବା କହାଯାଉଥିବା ବେଳେ ଭେଣ୍ଡିଜୋନ ପଛପଟେ ଥିବା ମଇଳା ଆବର୍ଜନାରେ ଲାଗିଥିବା ନିଆଁ ବ୍ୟାପି ଏଭଳି ଅଘଟଣା ଘଟିଥିବା ମଧ୍ୟ କହୁଯାଉଛି । ତେବେ କିଏ ଓ କାହିଁକି ସେଠାରେ ନିଆଁ ଲଗାଇଥିଲା ତାହା ଜଣାପଡିନାହିଁ । ଟାଉନ ପୋଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି । ନିଆଁରେ ଲକ୍ଷାଧିକ ଟଙ୍କାର ହେଲମେଟ, ଗାଡି ସିଟ କଭର, ବ୍ୟାଗ, ସିଲାଇ ମେସିନ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ଯାଇଛି । ଏହି ଭେଣ୍ଡିଂ ଜୋନ ମ୍ୟୁନିସପାଲଟି ପକ୍ଷରୁ ନିର୍ମାଣ କରାଯାଇ ଭଡାଇ ଦିଆ ଯାଇଥିଲେ ମଧ୍ୟ ଏଗୁଡିକର ନିର୍ମାଣଶୈଳୀକୁ ନେଇ ପ୍ରଥମରୁ ହିଁ ଏଗୁଡିକର ନିରାପତା ଉପରେ ପ

ଘରେ ସହଜରେ କରନ୍ତୁ ଥାଇରଏଡ୍ ଚିକିତ୍ସା

ଥାଇରଏଡ ବା ଗଳଗ୍ରନ୍ଥି ଏକ ହର୍ମୋନାଲ ରୋଗ । ଗଳାର ଉଭୟ ପାର୍ଶ୍ୱରେ ପ୍ରଜାପତି ଆକୃତିର ଥାଇରଏଡ ଗ୍ରନ୍ଥି ଅଛି । ଏଥିରୁ ଟି-୩-୪ଟି ହର୍ମୋନ ନିର୍ଗତ ହୁଏ । ଯାହା ଶରୀରର ଅନେକ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । କିନ୍ତୁ, ଯେତେବେଳେ ଏହି ହରର୍ମୋନ ବ୍ୟାଘାତ ହୁଏ , ସେତେବେଳେ ଥାଇରଏଡ ସମସ୍ୟା ଆରମ୍ଭ ହୁଏ । ଆଜିକାଲି ଥାଇରଏଡ ସମସ୍ୟା ଅଧିକାଂଶ ଲୋକଙ୍କଠାରେ ଦେଖିବାକୁ ମିଳୁଛି । ବିଶେଷ କରି ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ୫ଗୁଣ ଅଧିକ ଏହି ରୋଗ ଦେଖିବାକୁ ମିଳିଥାଏ । ଥାଇରଏଡ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଉଭୟ ପୁରୁଷ ଓ ମହିଳା ଔଷଧ ସେବନ କରୁଛନ୍ତି । କିନ୍ତୁ କିଛି ଘରୋଇ ଉପଚାର ମାଧ୍ୟମରେ ଥାଇରଏଡକୁ ନିୟନ୍ତ୍ରଣ କରାଯାଇପାରେ । ଜାଣନ୍ତୁ ସେଗୁଡିକ କ'ଣ ?

ଘରୋଇ ଉପଚାର :

ଅଦା – ଆୟୁର୍ବେଦବିତଙ୍କ ମତରେ ଅଦାରେ ପୋଟାସିୟମ ଓ ମ୍ୟାଗ୍ନେସିୟମ ପରି ଖଣିଜ ପଦାର୍ଥ ଭରି ରହିଛି , ଯାହା ପ୍ରବାହକୁ ମୁକାବିଲା କରିବାରେ ସାହାର୍ଯ୍ୟ କରିଥାଏ । ଥାଇରଏଡକୁ ନିୟନ୍ତ୍ରଣ କରିବା ଲାଗି ଅଦା ଚା' ପି ପାରିବେ । ଏଥି ସହିତ ଅଦା ରସକୁ ଏକ ଚାମଚରେ କାଢି ଏଥିରେ ଅଳ୍ପ ମହୁ ମିଶାଇ ସେବନ କରିପାରିବେ ।

ବାଦାମ – ବାଦାମରେ ପ୍ରୋଟିନ୍, ଫାଇବର, ମିନେରାଲ, ସେମେନିୟମ୍ ରହିଛି । ଯାହାକି ଥାଇରଏଡ୍ ଲାଗି ଖୁବ୍ ଫଳପ୍ରଦ । ଏଥି ସହିତ ମ୍ୟାଗ୍ନେସିୟମ ମଧ୍ୟ ପ୍ରଚୁର ମାତ୍ରାରେ ରହିଛି, ଯାହା ଥାଇରଏଡ୍ ଗ୍ରନ୍ଥିକୁ ଠିକ୍ ଭାବରେ କାମ କରିବାରେ ସହାୟ କରିଥାଏ ।

କ୍ଷୀର – କ୍ଷୀର, ପନିର ଓ ଦହିରେ ଆୟୋଡିନ୍ ମାତ୍ରା ଅଧିକ ରହିଛି, ଏହା ଥାଇରଏଡକୁ ନିୟନ୍ତ୍ରଣ କରିବାରେ ସହାୟତା ପ୍ରଦାନ କରିଥାଏ । ଏହି କାରଣରୁ ଡାଏଟରେ ଆବଶ୍ୟକ ମୁତାବକ କ୍ଷୀର ଓ କ୍ଷୀରରେ ପ୍ରସ୍ତୁତ ପଦାର୍ଥ ସାମିଲ କରିପାରିବେ ।

ସେଓ ସିରକା – ସେଓ ସିରକା ହରମୋନ୍ ସନ୍ତୁଳନ ରକ୍ଷା କରିବାରେ ସହାୟତା କରିଥାଏ । ଏହା ଶରୀରର ବାତାବରଣକୁ କ୍ଷାରୀୟ କରିବାରେ ସାହାଯ୍ୟ କରିବା ସହ ମେଟାବଲିଜମକୁ ବଢାଇଥାଏ । ପ୍ରତିଦିନ ସେଓ ସିରକାକୁ ମହୁ ପାଣିରେ ମିଶାଇ ସକାଳୁ ଖାଲି ପେଟରେ ଦୁଇ ଚାମଚ ପିଇଲେ ଥାଇରଏଡ୍ କଣ୍ଟ୍ରୋଲ ହୋଇଥାଏ ।

ନଡିଆ ତେଲ – ନଡିଆ ତେଲରେ ଫ୍ୟାଟ୍ ଏସିଡ୍ ରହିଛି । ଯାହା ଥାଇରଏଡ ଗ୍ରନ୍ଥିର କାର୍ଯ୍ୟରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ନଡିଆ ତେଲରେ ମେଟାବଲିଜମ୍ ବୃଦ୍ଧି ପାଇଥାଏ ଏବଂ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ।

ଦକ୍ଷିଣୀ ସୁନ୍ଦରୀଙ୍କ ଟାଟୁ ଫ୍ୟାଶନ

ଓ୍ୱେଷ୍ଟର୍ଣ୍ଣ ଯୁଗରେ ଫ୍ୟାଶନ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି ଟାଟୁ । ସେ ଅଭିନେତ୍ରୀ ହୁଅନ୍ତୁ କି ସାଧାରଣ ଲୋକ ସଭିଙ୍କର ଟାଟୁ ସଉକ ଦିନକୁ ଦିନ ବଢ଼ିବାରେ ଲାଗିଛି । ଫିଲ୍ମ ଇଣ୍ଡଷ୍ଟ୍ରୀରେ ଏହାର ପ୍ରଚାର ପ୍ରସାର ବହୁ, ମାତ୍ରାରେ ହେଉଛି । ଏହି ଆଧୁନିକ ଟ୍ରେର୍ଡରୁ ସାଉଥ ବ୍ୟୁଟିମାନେ ବି ବାଦ ପଡ଼ିନାହାନ୍ତି । ଏମାନେ ନିଜ ନିଜ ଅଙ୍ଗରେ ଜାଗା ଦେଇଛନ୍ତି ଟାଟୁର ଛାପକୁ....

ସାମନ୍ତା ଅକ୍କିନେନି:

ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରୀର ଫିମେଲ ସୁପରଷ୍ଟାର ସାମନ୍ତା ଦେହରେ ଟାଟୁ କରିବାକୁ ଖୁବ ପସନ୍ଦ କରନ୍ତି। ଆଉ ବର୍ତ୍ତମାନ ପର୍ଯ୍ୟନ୍ତ ସେ ତାଙ୍କ ଦେହରେ ତିନିଟି ଟାଟୁ ଖୋଦେଇ କରିସାରିଛନ୍ତି । ଗୋଟିଏ ଟାଟୁ ପିଠିର ଉପରି ଭାଗରେ ଆଙ୍କିଛନ୍ତି ।

ତ୍ରିଶା କ୍ରିଷ୍ଣାନ:

ତ୍ରିଶାଙ୍କ ଫଟୋମାନ ଦେଖିଲେ ଜଣାପଡ଼ିଯାଏ ତାଙ୍କର ଟାଟୁପ୍ରେମ ଟଲିଉଡ ଇଣ୍ଡଷ୍ଟ୍ରୀରୁ କ୍ୟାରିୟର ଆରମ୍ଭ କରିଥିବା ତ୍ରିଶା ଶରୀରରେ ଦୁଇ ଦୁଇଟି ଟାଟୁ ଆଙ୍କିଛନ୍ତି । ଡେସନି ଚ୍ୟାନେଲ ଚରିତ୍ର ନେମୋର ଟାଟୁ ଛାପିଛନ୍ତି ଯେଉଁଥିରୁ ତ୍ରିଶାଙ୍କ କାର୍ଟୁନ ପ୍ରତି ଥିବା ଦୁର୍ବଳତା ମଧ୍ୟ ଜଣା ପଡ଼ିଛି । ଏହାଛଡ଼ା ତ୍ରିଶା ତାଙ୍କ ହାତରେ ଏକ ଡିଜାଇନ ଟାଟୁ କରିଛନ୍ତି ।

ଶ୍ରୁତି ହାସନ:

ଟଲିଉଡ ତଥା ବଲିଉଡରେ ନିଜର କାୟା ବିସ୍ତାର କରିଥିବା ନାୟିକା ଏହି ରେସରୁ ବାଦ ପଡ଼ିନାହାନ୍ତି । ବାମ କଟିରେ ସେ ବ୍ଲାକ ଓ ହ୍ୱାଇଟ ରୋଜ ସହିତ କାନ୍ଧରେ ସେ ଏକ ସୁନ୍ଦର ଟାଟୁ ଆଙ୍କିଥିବାର ଦେଖାଯାଇଛି । ଏହାଛଡ଼ା ସେ କାନ ପଛପାଖରେ ମଧ୍ୟ ଏକ ସୁନ୍ଦର ଟାଟୁ ତିଆରି କରିଛନ୍ତି ।

ଅମୃତଭଣ୍ଡା ହାଲ୍‌ୱା

ଆବଶ୍ୟକ ସାମଗ୍ରୀ:

କଞ୍ଚା ଅମୃତଭଣ୍ଡା, କ୍ଷୀର, କଟା ଆଲମଣ୍ଡ, ଚିନି, ଗୁଆ ଘିଅ, କାଜୁ, କିସ୍‌ମିସ୍ ଓ ଗୁଜୁରାତି

ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଅମୃତଭଣ୍ଡାକୁ ଭଲ ଭାବେ ଧୋଇ ଚୋପା ଛଡ଼ାଇ ଏକ ପାତ୍ରରେ ରଖି ଦିଅନ୍ତୁ। ଏହାପରେ ଅମୃତଭଣ୍ଡାକୁ ଭଲ ଭାବେ କୋରି ଦିଅନ୍ତୁ । ତା'ପରେ କରେଇରେ ଗୁଆ ଘିଅ ପକାଇ ଗରମ କରନ୍ତୁ। ଘିଅ ଗରମ ହୋଇଗଲା ପରେ କୋରା ହୋଇଥିବା ଅମୃତଭଣ୍ଡାକୁ ପକାଇ ଧିମା ଆଞ୍ଚରେ ଭାଜନ୍ତୁ ।

ଏହା ଟିକେ ଭାଜି ହୋଇ ଆସିଲେ, ଏଥିରେ କ୍ଷୀର ପକାଇ ଦିଅନ୍ତୁ। ତା'ପରେ ଏହାକୁ ଭଲ ଭାବେ ଗୋଳାଇ ଦିଅନ୍ତୁ। କ୍ଷୀର ଫୁଟିଗଲେ, ସେଥିରେ ଚିନି ପକାନ୍ତୁ । ଏହାପରେ ସେଥିରେ ଗୁଜୁରାତି ଗୁଣ୍ଡ, କଟା କାଜୁ ଓ କିସ୍‌ମିସ୍ ପକାନ୍ତୁ । ଏହାପରେ ଏହି ମିଶ୍ରଣକୁ କିଛି ସମୟ ଅଳ୍ପ ଆଞ୍ଚରେ ରଖି ଧିରେ ଧିରେ ଗୋଳାନ୍ତୁ । ହାଲୱା ଟିକେ ଶୁଖିଲା ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହାପରେ ସେଥିରେ କଟା ଆଲମଣ୍ଡ ପକାଇ ସଜାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଅମୃତଭଣ୍ଡା ହାଲ୍‌ୱା।

ଚକ୍ଷୁ ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

ଶୀର୍ଷାକ୍ଷନ: ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

ବଜ୍ରାସନ: ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍‌କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

ସୋମନାଥ ମନ୍ଦିର

ଗୁଜୁରାଟସ୍ଥିତ ସୋମନାଥ ମନ୍ଦିର ଭଗବାନ ଶିବଙ୍କର ୧୨ ଜ୍ୟୋତିଲିଙ୍ଗ ମଧ୍ୟରେ ପ୍ରମୁଖ ବୋଲି ମାନ୍ୟତା ରହିଛି । ଏହୀ ମନ୍ଦିରର ନିର୍ମାଣରେ ଅନେକ ଧାର୍ମିକ ଓ ପୌରାଣିକ କାହାଣୀ ଜଡ଼ିତ । ଏହି ମନ୍ଦିରର ନିର୍ମାଣ ଚନ୍ଦ୍ର ଦେବ ସୋମରାଜ କରିଥିଲେ ଓ ଏହାର ବର୍ଣ୍ଣନା ରଗବେଦରେ ମଧ୍ୟ ରହିଛି ।

ସୋମନାଥ ମନ୍ଦିର ଅତ୍ୟନ୍ତ ସମୃଦ୍ଧ ଓ ବୈଭବଶାଳୀ ହୋଇଥିବାରୁ ଅନେକବାର ପର୍ତ୍ତୁଗୀଜ ଓ ମୁସଲିମ ଆକ୍ରମଣକାରୀଙ୍କ ଦ୍ୱାରା ଭଙ୍ଗାଯାଇ ହିନ୍ଦୁ ରାଜାମାନଙ୍କ ଦ୍ୱାରା ପୁନଃନିର୍ମାଣ କରାଯାଇଥିଲା । ବର୍ତ୍ତମାନର ସୋମନାଥ ମନ୍ଦିର ଭାରତର ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ନିର୍ମିତ ହୋଇଛି । ଏହି ମନ୍ଦିରର ପୁନଃ ନିର୍ମାଣ ପ୍ରାଚୀନ ହିନ୍ଦୁ ବାସ୍ତୁକଳା ଓ ଚାଲୁକ୍ୟ ବାସ୍ତୁଶୈଳୀ ଦ୍ୱାରା କରାଯାଇଛି । ଲୋକଥା ଅନୁସାରେ ଭଗବାନ ଶ୍ରୀକୃଷ୍ଣ ଏହି ପବିତ୍ର ସ୍ଥଳରେ ନିଜ ଶରୀର ତ୍ୟାଗ କରିଥିଲେ । ଗୁଜୁରାଟର ପଶ୍ଚିମତଟର ସୌରାଷ୍ଟ୍ରରେ ବେରାବଲ ବନ୍ଦର ପାର୍ଶ୍ୱରେ ପ୍ରଭାସ ପାଟନରେ ସ୍ଥିତ ଏହି ମନ୍ଦିର ଇତିହାସର ଉତଥାନ ଓ ପତନର ପ୍ରତୀକ । ୧୯୫୧ ମସିହାରେ ରାଷ୍ଟ୍ରପତି ଶ୍ରୀ ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ସୋମନାଥ ମନ୍ଦିରରେ ଜ୍ୟୋର୍ତିଲିଙ୍ଗଙ୍କ ସ୍ଥାପନା କରାଯାଇଥିଲା । ୧୯୬୨ ମସିହାରେ ଭଗବାନ ଶିବଙ୍କୁ ସମର୍ପିତ ଏହି ହିନ୍ଦୁ ପବିତ୍ର ଧାମ ପୂର୍ଣ୍ଣରୂପରେ ନିର୍ମିତ ହୋଇଥିଲା । ୧୯୯୫ ମସିହା ଡିସେମ୍ବର ୧ତାରିଖରେ ପୂର୍ବ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା ଏହି ପବିତ୍ର ତୀର୍ଥଧାମକୁ ସାଧାରଣ ଜନତାଙ୍କ ନିମନ୍ତେ ସମର୍ପଣ କରି ଦେଇଥିଲେ । ବର୍ତ୍ତମାନ ଲକ୍ଷାଧିକ ଲୋକଙ୍କର ଏହା ଅସ୍ଥାର କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଧାର୍ମିକ ଶାସ୍ତ୍ର ଓ ଗ୍ରନ୍ଥ ଅନୁସାରେ ଭାରତର ପ୍ରମୁଖ ତୀର୍ଥସ୍ଥଳ ମଧ୍ୟରୁ ଅନ୍ୟତମ ଏହି ସୋମନାଥ ମନ୍ଦିରକୁ ସ୍ୱୟଂ ଚନ୍ଦ୍ରଦେବ ଅର୍ଥାତ ସୋମ ଭଗବାନ ନିର୍ମାଣ କରିଥିଲେ । ଚନ୍ଦ୍ର ଦେବ ରାଜା ଦକ୍ଷ ପ୍ରଜାପତିଙ୍କର ସମସ୍ତ ୨୭ ପୁତ୍ରୀଙ୍କୁ ବିବାହ କରିଥିଲେ ଚନ୍ଦ୍ର ଦେବଙ୍କ ସମସ୍ତ ପତ୍ନୀଙ୍କ ମଧ୍ୟରୁ ରୋହିଣୀ ଅତ୍ୟନ୍ତ ସୁନ୍ଦରୀ ଥିବାରୁ ଚନ୍ଦ୍ରଦେବ ତାଙ୍କୁ ଅଧିକ ଭଲ ପାଉଥିଲେ । ତେଣୁ ପୁତ୍ରୀମାନଙ୍କ ମଧ୍ୟରେ ଭେଦଭାବ ଦେଖି ରାଜା ଦକ୍ଷ ପ୍ରଜାପତି ସେ ଚନ୍ଦ୍ରଦେବଙ୍କୁ କ୍ଷୟଗ୍ରସ୍ତ ହେବାର ଅଭିଶାପ ଦେଇଥିଲେ । ଏହାପରେ ସେ ଭଗବାନ ଶିବଙ୍କୁ କଠୋର ଆରାଧନା କଲେ । ତପସ୍ୟାରେ ଖୁସି ହୋଇ ଭଗବାନ ଶିବ ଅମରତ୍ୱ ବର ପ୍ରଦାନ କଲେ, ଯାହାଦ୍ୱାରା ରାଜା ଦକ୍ଷଙ୍କର ଶାପରୁ ମୁକ୍ତି ମିଳିଲା ଓ ଏହା ସହିତ କୃଷ୍ଣପକ୍ଷରେ ଚନ୍ଦ୍ର ଦେବଙ୍କ ଚମକ କମ ହେବ ଓ ଶୁକ୍ଳ ପକ୍ଷରେ ତାଙ୍କର ଚମକ ବୃଦ୍ଧିପାଇବ ବୋଲି ଭଗବାନ ଶିବ କହିଥିଲେ । ଏହି ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କର ମହିମାର ଉଲ୍ଲେଖ ହିନ୍ଦୁ ଧର୍ମର ପ୍ରସିଦ୍ଧ ମହାକାବ୍ୟ ଶ୍ରୀମଦ ଭାଗବତ ଗୀତା, ମହାଭାରତ ଓ ସ୍କନ୍ଦ ପୁରାଣ ଆଦିରେ ମଧ୍ୟ କରାଯାଇଛି । ଏହା ସହିତ ଏହି ମନ୍ଦିରର ଉଲ୍ଲେଖ ରଗବେଦରେ ମଧ୍ୟ କରାଯାଇଛି ।

ମାନ୍ୟତା ଅନୁସାରେ ଭଗବାନ ଶିବଙ୍କର ଏହି ପ୍ରସିଦ୍ଧ ଜ୍ୟୋର୍ତିଲିଙ୍ଗଙ୍କର ଦର୍ଶନ ମାତ୍ରେ ଭକ୍ତଙ୍କର ସମସ୍ତ ଦୁଃଖ ଦୂର ହୁଏ । ଏବଂ ସୋମନାଥ ମନ୍ଦିରରେ ପୂଜା ଆରାଧନା ଦ୍ୱାରା ଭକ୍ତଙ୍କର କ୍ଷୟରୋଗ ମଧ୍ୟ ଦୂର ହୋଇଥାଏ । ଭଗବାନ ଶ୍ରୀକୃଷ୍ଣ ଏଠାରେ ଦେହତ୍ୟାଗ କରିଥିବାରୁ ଏହି ମନ୍ଦିର ପରିସରରେ ଶ୍ରୀକୃଷ୍ଣଙ୍କର ସୁନ୍ଦର ଆକର୍ଷଣୀୟ ମନ୍ଦିର ନିର୍ମାଣ କରାଯାଇଛି । ଆଗ୍ରାରେ ଥିବା ଦେବଦ୍ୱାର ସୋମନାଥ, ମନ୍ଦିରର, ଯାହାକୁ ମହମ୍ମଦ ଗଜନୀ ଲୁଟ କରି ନେଇ ଯାଇଥିଲା । ସେଠାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ହେଉଥିବା ଲାଇଟ୍ ସୋରେ ହିନ୍ଦୁମାନଙ୍କର ଇତିହାସକୁ ପ୍ରଦର୍ଶିତ କରାଯାଇଥାଏ । ସୋମନାଥ ମନ୍ଦିରରେ କାର୍ତ୍ତିକ, ଚୈତ୍ର ଓ ଭାଦ୍ରବ ମାରସରେ ଶ୍ରାଦ୍ଧ କରିବାର ମହତ୍ତ୍ୱ ରହିଛି । ଏହି ମନ୍ଦିରରୁ ୨୦୦ କି.ମି ଦୂରରେ ଦ୍ୱାରକା ନଗରୀ ଅବସ୍ଥିତି, ଯେଉଁଠିକୁ ଦ୍ୱାରକାଧିଶଙ୍କ ଦର୍ଶନ ପାଇଁ ଦୂର ଦୂରାନ୍ତରୁ ଲୋକମାନେ ଆସିଥାନ୍ତି । ଏହି ଜ୍ୟୋର୍ତିଲିଙ୍ଗର ସ୍ଥାପନା ପରେ ରାମେଶ୍ୱରମ, ଦ୍ୱାରକା ଓ ବାରଣସୀରେ ଜ୍ୟୋତିର୍ଲିଙ୍ଗଙ୍କୁ ସ୍ଥାପନ କରାଯାଇଥିଲା । ସୋମନାଥ ମନ୍ଦିରର ବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ ସୋମନାଥ ମନ୍ଦିରର ଟ୍ରଷ୍ଟ କରିଥାଏ । ସରକାର ଟ୍ରଷ୍ଟକୁ ଜମି ଓ ବଗିଚା ଆଦି ଦେଇ ମନ୍ଦିରର ଆୟର ବ୍ୟବସ୍ଥା କରିଛନ୍ତି ।

କିପରି ଯିବେ:- କିଶୋଡ଼ ବିମାନ ବନ୍ଦର ସୋମନାଥ ମନ୍ଦିରରୁ ମାତ୍ର ୫୫ କିମ ଦୂରରେ ରହିଛି । ଏହି ବିମାନ ବନ୍ଦର ମୁମ୍ବାଇ ସହିତ ଯୋଡ଼ାଯାଇଛି । ସେଠାରେ ପହଞ୍ଚିବା ପରେ ବସ ଓ ଟ୍ୟାକ୍ସି ସହାୟତାରେ ସୋମନାଥ ମନ୍ଦିର ପହଞ୍ଚିପାରିବେ ।

ସେଠାରୁ ସବୁଠାରୁ ନିକଟତମ ରେଲୱେ ଷ୍ଟେସନ ବେରାବଲ ଯାହା ସୋମନାଥ ମନ୍ଦିର ଠାରୁ ମାତ୍ର ୭କିମି ଦୂରରେ ଅବସ୍ଥିତ । ଏହା ଅହମ୍ମଦାବାଦ, ଗୁଜୁରାଟ ସମେତ ଦେଶର ପ୍ରମୁଖ ସହର ସହିତ ରେଳମାର୍ଗ ଦ୍ୱାରା ଯୋଡ଼ା ଯାଇଛି । ଅହମଦାବାଦରୁ ୪୦୦ କିମି ଭାବନଗରରୁ ୨୬୬ କିମ ଦୂରରେ ସୋମନାଥ ମନ୍ଦିର ଅବସ୍ଥିତ । ଗୁଜୁରାଟର କୌଣସି ସ୍ଥାନରୁ ଏହି ପବିତ୍ର ତୀର୍ଥ ଧାମକୁ ପହଞ୍ଚିବା ପାଇଁ ବସ ସେବା ଉପଲବ୍ଧ ରହିଛି । ଏହା ସହିତ ସୋମନାଥ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁମାନଙ୍କର ରହିବା ଓ ଖାଇବାର ମଧ୍ୟ ଉତ୍ତମ ବ୍ୟବସ୍ଥା ରହିଛି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ସ୍ୱପ୍ନରେ ଉଡ଼ିବା...

ପ୍ରାୟ ଦୁଇବର୍ଷ ହେଲା ବିଶ୍ୱବାସୀ କରୋନା ସଂକ୍ରମଣ ଭିତରେ ଅଛନ୍ତି । ଉଭୟ ଜୀବନ ଓ ଜୀବିକା ନେଇ ସମସ୍ତେ ମହାସଙ୍କଟରେ ପଡ଼ିଯାଇଥିବା ଭିତରେ ଅର୍ଥନୀତି ଯେଉଁ ଭଳି କ୍ଷତିଗ୍ରସ୍ତ ହୋଇଛି, ତାହାର କୁପରିଣତି ଆବାଳବୃଦ୍ଧବନିତା ଭୋଗୁଛନ୍ତି । କେହି ନିଧାର୍ଯ୍ୟ ରୂପେ କହି ପାରିବା ଅବସ୍ଥାରେ ନାହାଁନ୍ତି କି, ଏମିତି ମହାସଙ୍କଟ କେତେକାଳ ଚାଲୁଥିବ । ପ୍ରତିଷେଧକ ଟିକା ଦଫା ଦଫା କରି ନିଆଯାଉଛି, ଯେମିତି ସଂକ୍ରମଣର ଲହର ପରେ ଲହର ସମସ୍ତଙ୍କୁ ଘାଣ୍ଟି ଚାଲିଛି । ଯେଉଁ ପାଶ୍ଚାତ୍ୟ ରାଷ୍ଟ୍ରସମୂହ ସର୍ବାଧୁନିକ ପ୍ରଯୁକ୍ତିରେ ଦୁନିଆକୁ ବାଟ ଦେଖାଇବାର ଶ୍ରେୟ ଦାବି କରିଥାନ୍ତି, ସେମାନେ ଅଦୃଶ୍ୟ ଭୂତାଣୁ ଆଗରେ ଆଣ୍ଠେଇ ସାରିଲେଣି । ଭାରତ ଭଳି ବିକାଶଶୀଳ ଦେଶ କରୋନା ବିରୋଧୀ ଲଢ଼େଇରେ ଅନ୍ୟମାନଙ୍କ ପାଇଁ ବାଟ ଦେଖାଇ ଚାଲିଛି । ଏହା କେବଳ ଆଶ୍ୱାସନାର କଥା ନୁହେଁ, ଦେଶବ୍ୟାପୀ ଟିକାକରଣ ଭଳି ଅଭିଯାନରେ ତାହା ଅବଶ୍ୟ ସାବ୍ୟସ୍ତ ହୋଇଛି । ଦୈନନ୍ଦିନ ଜୀବନଚର୍ଯ୍ୟା ଉପରେ କରୋନା ସଂକ୍ରମଣଜନିତ ପ୍ରତିକୂଳ ପ୍ରଭାବ ପଡ଼ିବାର ଏକାଧିକ କାରଣ ମଧ୍ୟରେ ଅର୍ଥନୀତି ଉପରେ ଅସହ୍ୟ ଚାପ ଅନ୍ୟତମ । ବେକାରଙ୍କ ସଂଖ୍ୟା ବୃଦ୍ଧି ଭଳି ନିର୍ମାଣ ଶିଳ୍ପ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଅର୍ଥନୀତିକୁ ଅଧିକ ଅସନ୍ତୁଳିତ କରିଦେଲା । ପର୍ଯ୍ୟଟନଠାରୁ ଆଇଟି ସେକ୍ଟରରେ କରୋନା ପାଇଁ ଅସ୍ୱାଭାବିକ୍ ସ୍ଥିତି ଦେଖାଗଲା । କାରଣ ଯେଉଁମାନଙ୍କର ଚାକିରି ଥିଲା, ସେମାନେ ତାହା ହରାଇ ହାତ ବାନ୍ଧି ବସିଗଲେ । ଜୀବିକା ହରାଇ ନିଜ ବୃତ୍ତିରୁ ବାହାରି ଯାଇ କିଏ ପରିବା ବିକିଲେ ତ' ଆଉ କିଏ ଠେଲାରେ ବାସନକୁସନ ବେପାର କଲେ । ସାଧାରଣ ନାଗରିକ ନବୁଝିପାରିଲା । ଭାଷାରେ ଅର୍ଥନୀତିକୁ ନିଜ ଗୁଳାକୁ ଆଣିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ବୁଝାଇ ଦିଆଗଲା । । ପାଣ୍ଡମିକ୍ ହେତୁ ସାମଗ୍ରିକ ଭାବେ ଭାରତର ମୋଟ୍ ଘରୋଇ ଉତ୍ପାଦ(ଜିଡିପି)ରେ ଦେଖିପାରିଲା ଭଳି ପତନ ଫଳରେ ସମସ୍ତ ନାଗରିକଙ୍କ ଜୀବନଯାପନ ଶୈଳୀ ପ୍ରଭାବିତ ହେଲା । ପ୍ରଥମେ କରୋନା ଭାରତରେ ପାଦଦେଲା ବେଳକୁ ଏମିତିରେ ଅଭିବୃଦ୍ଧି ହାରରେ ହ୍ରାସ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା । ଚତୁରତାର ସହ କୁହାଗଲା କି, ଅବସ୍ଥାରେ ସୁଧାର ପାଇଁ ହେଉଥିବା ପ୍ରକ୍ରିୟାକୁ ଭୁତାଣୁ ବିଗାଡ଼ି ଦେଲା । ବାସ୍ତବତାକୁ ଏମିତିରେ ଆଖି ବୁଜିଦେଲେ ହେବନାହିଁ । ତାହା ଉପଲବ୍ଧ କରି କର୍ତ୍ତୃପକ୍ଷ ବାରାନ୍ତରେ ଅଭିବୃଦ୍ଧି ହାର ନେଇ ସୂଚନା ଜାରି କଲେ । ୨୦୨୦ ଅକ୍ଟୋବରରୁ ୨୦୨୧ ମାର୍ଚ୍ଚ ଷାଣ୍ଡାସିକ ଆର୍ଥିକ ସମୟକୁ ଜିଡିପି ପ୍ରାକ୍ କରୋନା ସ୍ଥିତିକୁ ଫେରିଆସିବାର କୁହାଗଲା । ହେଲେ ଏଭଳି ଦାବିକୁ ପ୍ରତିଷ୍ଠିତ ରେଟିଂ ସଂସ୍ଥା ଗ୍ରହଣ କରିବାକୁ ନାରାଜ । କେତେ ସଂଖ୍ୟକ ଅର୍ଥନୈତିକ ସର୍ଭେ ସଂସ୍ଥା ଅଭିବୃଦ୍ଧି ହାର ନେଇ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି । ଅର୍ଥନୀତିଜ୍ଞମାନେ ସଂକ୍ରମଣର କାୟା ବିସ୍ତାର ଦେଖି ଉପସ୍ଥାପିତ ହାରକୁ ଖସାଇବାର ଦେଖାଯାଉଛି । ଜାତୀୟ ତଥା ଅନ୍ତର୍ଜାତୀୟ ସଂସ୍ଥାମାନେ ଦେଖିପାରୁଛନ୍ତି ଆଗକୁ ମହାସଂକ୍ରମଣର ଭୟ । ତେଣୁ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ଲାଗି ୯.୨% ଅନୁମାନ ରଖିବା ପରେ ତାହା ହାସଲ ହୋଇନପାରିବାର ଆଶଙ୍କା କରିଛନ୍ତି ରେଟିଂ ଏଜେସିମାନେ । କେନ୍ଦ୍ରୀୟ ବ୍ୟାଙ୍କ (ଆରବିଆଇ) ପୂର୍ବରୁ କହି ସାରିଛି ଅଭିବୃଦ୍ଧି ହାର ସାଢ଼େ ନଅ ପ୍ରତିଶତ ହେବ । କିନ୍ତୁ କେନ୍ଦ୍ର ସରକାର ତାହାକୁ ଖସାଇ ରଖିଛନ୍ତି ୯.୨%ରେ । ଡେଟା ଏବଂ ଓମାଇକ୍ରନ୍ ସଂକ୍ରମଣ ଦେଖି ପରେ ଅନୁମାନ ଓ ଆକଳନ କରୁଥିବା ମହଲ ଘାବରେଇ ଯାଇଥିବା ସ୍ୱାଭାବିକ୍ । ଏପରି କେତେକ ମହଲର ବିଚାର ଯେ, ଆର୍ଥିକ ସୁଧାର ପ୍ରକ୍ରିୟା ଉପରେ ପ୍ରତିକୂଳ ପ୍ରଭାବ ରହିବା ସତ୍ତ୍ୱ ତାହା ସେତେବେଶୀ ଚିନ୍ତାଜନକ ହୋଇପାରେ । ସବୁ ଦିଗରୁ ଦେଖାଗଲେ ଯାହା କିଛି ହେଉଛି, ସବୁ କଥା ନିର୍ଭର କରୁଛି କରୋନା ରାକ୍ଷସର ଆଚରଣ ଉପରେ । ଯେତିକି କ୍ଷତି ହୋଇସାରିଛି, ତାହାର ଭରଣା ଯେମିତି ଦୁଃସାଧ୍ୟ, ସେମିତି ବିକାଶ ରାସ୍ତାରେ ବାଧକ ହଟାଇ ଅଗ୍ରସର ହେବା ବଡ଼ ଆହ୍ୱାନ । ସବୁ ଦିଗର ଉପଯୁକ୍ତ ସମୀକ୍ଷା କରାଯାଇ ଅଗ୍ରସର ହେବା ସମୟର ଆବଶ୍ୟକତା ହୋଇଥିବାରୁ ଅଭିବୃଦ୍ଧି ନେଇ ଆକଳନରେ ଯଥେଚ୍ଛା ଆଦୌ ସମୀଚୀନ ହେବନାହିଁ । ଅର୍ଥନୀତି ରାଷ୍ଟ୍ରର ପ୍ରମୁଖ ଅଂଶ ଏବଂ ଜୀବନନାଟିକ ଭଳି । ତେଣୁ କରୋନା ସଂକ୍ରମଣଜନିତ ସଂକଟବେଳେ ତାହା ନେଇ ଗୁଡ଼ି ଉଡ଼ାକୁ ପ୍ରଶ୍ରୟ ଦିଆଯିବା ବାଞ୍ଛନୀୟ ନୁହେଁ ।

ଚେନ୍ନାଇର ଘଟଣା ଲବି

ସୌମେନ୍ଦ୍ର ଜେନା

ଭାରତର ମୋଟ ଜିଡିପି ଯେତେ ଆପଲ କମ୍ପାନୀର ବାଣିଜ୍ୟ ସେତେ ବୋଲି ଖବର ପ୍ରକାଶ ପାଇଛି । ତିନି ଟ୍ରିଲିଅନ ଡଲାର ବାର୍ଷିକ ବାଣିଜ୍ୟକରି ଆପଲ କମ୍ପାନୀ ମାଇଲଖୁଣ୍ଟ ସ୍ଥାପନା କରିଛି । ଅଥଚ ଚୀନ ପରେ ଭାରତରେ ଉତ୍ପାଦନ କେନ୍ଦ୍ର ଖୋଲିଥିବା ଏହି କମ୍ପାନୀ ଏବେ ନିଜର ଚେନ୍ନାଇସ୍ଥିତ କାରଖାନାକୁ ବନ୍ଦ କରିଛି । ଆଇଫୋନ୍ ଉତ୍ପାଦନ ହେଉଥିବା ଏହି କମ୍ପାନୀ ଏବେ ଚୀନର ଷଡଯନ୍ତ୍ର ଓ ଭାରତରେ ଥିବା ଚୀନା ସମର୍ଥକଙ୍କ ଷଣ୍ଢୁଆସୀ ଆକ୍ରମଣର ଶିକାର ହୋଇ କମ୍ପାନୀର ଉତ୍ପାଦନ ବନ୍ଦ ରଖିବାକୁ ବାଧ୍ୟ ହୋଇଛି । ଏଠାରେ କାର୍ଯ୍ୟରତ ସତର ହଜାର ଶ୍ରମିକଙ୍କ ଆନ୍ଦୋଳନ ଯୋଗୁ କମ୍ପାନୀ ସଙ୍କଟର ସମ୍ମୁଖୀନ ହୋଇ କ୍ଷତି ସହିବାରେ ଲାଗିଛି ।

"ବଞ୍ଚିବା ପାଇଁ ଗୋଟିଏ ବାଟ ଲଢେଇ ଆଉ ଧର୍ମଘଟ"- ଏହି ସ୍ଲୋଗାନକୁ ପାଥେୟ କରି କାର୍ଯ୍ୟରତ ବାମପନ୍ଥୀ ଶ୍ରମିକଗୋଷ୍ଠୀ କିପରି ଅତୀତରେ ପଶ୍ଚିମବଙ୍ଗର କମ୍ପାନୀଗୁଡିକରେ ତାଲା ପକାଇ ସବୁଦିନ ପାଇଁ ସଂସ୍ଥାଗୁଡିକୁ ବନ୍ଦ କରିଦେବାକୁ ସକ୍ଷମ ହୋଇଥିଲେ ତାହା ସମସ୍ତଙ୍କୁ ଜଣାଅଛି । ଏବେ ସେହି ଗୋଷ୍ଠୀ ଚୀନ ପାଇଁ ବ୍ୟାଟିଂ କରିବାକୁ ବାହାରି ଚେନ୍ନାଇର ଆପଲ କମ୍ପାନୀକୁ ବନ୍ଦ କରିଦେବାକୁ ଅଣ୍ଟାଭିଡି ବାହାରିଛନ୍ତି । ଦେଖିବାକୁ ଗଲେ କେରଳ ପରି ତାମିଲନାଡୁରେ କେନ୍ଦ୍ର ସରକାର ଓ ମୋଦିଙ୍କ ବିରୋଧରେ ଅନେକ ଗୋଷ୍ଠୀ ବେଶ୍ ସକ୍ରୀୟ ରହିଛନ୍ତି । ସେମାନେ ଏବେ ହିନ୍ଦୀ-ହିନ୍ଦୁ-ହିନ୍ଦୁସ୍ଥାନର ବିରୋଧରେ କାର୍ଯ୍ୟ କରିବାକୁ ମେଣ୍ଟ ଗଢିଛନ୍ତି । ଏହି ଗୋଷ୍ଠୀରେ କେନ୍ଦ୍ର ବିରୋଧୀ ଡିଏମ୍‌କେ, କଂଗ୍ରେସ, ସାମ୍ୟବାଦୀ, ମୁସଲିମ ଏବଂ ଖ୍ରୀଷ୍ଟିଆନଙ୍କ ସଂଗଠନ ସହ ସେମାନଙ୍କ ସହଯୋଗୀ, ଗଣମାଧ୍ୟମ ଆଦି ରହିଛନ୍ତି । ପ୍ରଚର କ୍ଷେତ୍ରରେ ଚୀନର ପେ-ଲିଷ୍ଟରେ ଆଗରେ ରହିଛି "ଦି ହିନ୍ଦୁ" ଖବରକାଗଜ, ଯାହା ପ୍ରତି ଦୁଇଦିନରେ ଥରେ ଜିନପିଙ୍ଗଙ୍ଗ ସଂକୀର୍ତ୍ତନ କରିବାକୁ ଭୁଲ କରେନାହିଁ । ଯେଉଁଥି ପାଇଁ ଚୀନ କମ୍ୟୁନିଷ୍ଟ ପାର୍ଟିର ୧୦୦ବର୍ଷ ପୂର୍ତ୍ତି ଅବସରରେ ଏହି ଖବରକାଗଜର ମୁଖ ପୃଷ୍ଠା ଭରି ବିଜ୍ଞାପନ ମିଳିଥିଲା ଚୀନ ସରକାରଙ୍କ ଠାରୁ । ଚୀନା ନିବେଶ, ପ୍ରକଳ୍ପ ଏବଂ ଶିଳ୍ପର ସୁରକ୍ଷା ପାଇଁ ଏହି ଖବରକାଗଜର ପ୍ରକାଶନ ସମୂହ ଆଜିଯାଏ ଚୀନ ସରକାରଙ୍କ ସ୍ୱାର୍ଥରେ ନିଷ୍ଠାପର ଭାବେ କାର୍ଯ୍ୟକରି ଆସିଛି ଏବଂ ସେଥିପାଇଁ ଚୀନ ସରକାରଠାରୁ ମଧ୍ୟ ଆର୍ଥିକ ପୁରସ୍କାର ଲାଭ କରିଆସୁଛି । କେନ୍ଦ୍ର ସରକାରଙ୍କ ବିବିଧ ଯୋଜନାକୁ କିପରି ବିଫଳ କରିହେବ ସେଥିପାଇଁ ଏହି କାଗଜ ସମାଲୋଚନାର କୀଳା ସଜାଡି ଥାଏ । ପିଏଲ୍‌ଆଇ ସ୍କିମରେ ଯେଉଁ ତାଇୱାନ କମ୍ପାନୀ ଭାରତରେ ଉତ୍ପାଦନ କରିବାକୁ ଚୀନଛାଡି ଭାରତ ଆସିଲେ ସେମାନଙ୍କ ବିରୋଧରେ ଯୋଜନାବଦ୍ଧ ଭାବେ ଏହି ଖବରକାଗଜରେ ସମ୍ବାଦମାନ ପ୍ରକାଶ କରାଗଲା । ସେମାନେ ଶ୍ରମ ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି କହି ବାମପନ୍ଥୀ ଶ୍ରମିକ ସଂଗଠନ ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରାଗଲା । ତାଇୱାନ କମ୍ପାନୀକୁ କିପରି ଭାରତରେ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ, ଚୀନ ସରକାରଙ୍କ ସ୍ୱାର୍ଥରେ ସେମାନଙ୍କର କାରଖାନାକୁ କିପରି ନଷ୍ଟ କରାଯିବା, ସେଥିପାଇଁ ଷଡଯନ୍ତ୍ର ହେଲା । ସାଧାରଣ ବିଷୟକୁ ଅସାଧାରଣକରି ପ୍ରଚର କରାଯିବା ସହ ସରକାରୀ ଚାପ ପ୍ରୟୋଗ କରିବାକୁ କ୍ଷେତ୍ର ପ୍ରସ୍ତୁତ କରାଗଲା । ବିଗତ ଦିନମାନଙ୍କରେ ଏହି ଗୋଷ୍ଠୀଗୁଡିକର ଷଡଯନ୍ତ୍ର ଯୋଗୁ ଅନେକ କାରଖାନାରେ ତାଲା ଝୁଲିଛି । ତେଣୁ କେନ୍ଦ୍ର ସରକାର ଗୋଟିଏ ପଟେ ଆତ୍ମନିର୍ଭର ଭାରତ ଆହ୍ୱାନ ଦେଇ ହଜାର ହଜାର କୋଟିର ପ୍ରୋତ୍ସାହନ ରାଶି ମାଧ୍ୟମରେ ବିଦେଶୀ ଶିଳ୍ପକୁ ଭାରତରେ ଉତ୍ପାଦନ କରିବାକୁ ଆହ୍ୱାନ ଦେଲାବେଳେ ଦ୍ରାବିଡନାଡୁର ଏହି ଗାଦ୍ରଦାହୀ ଗୋଷ୍ଠୀ ସବୁ ଯୋଜନାଗୁଡିକୁ ବିଫଳ କରିବାରେ ଲାଗିଛନ୍ତି । ଦେଶ ବିରୋଧୀ କାର୍ଯ୍ୟରେ ସାମିଲଥିବା ଏହିସବୁ ଶକ୍ତି ସମ୍ବିଧାନର ଆଳରେ ଦେଶରେ ଅଶେଷ କ୍ଷତିସାଧନ କରିବାରେ ଲାଗିପଡିଛନ୍ତି । ନିକଟରେ ତାମିଲନାଡୁର ଚେନ୍ନାଇ ନିକଟସ୍ଥ ପେରୁମ୍ବୁଦୁରଠାରେ ଥିବା ଫୋକ୍ସକନ୍ କମ୍ପାନୀରେ ଶ୍ରମିକ ଅଶାନ୍ତି ପଛରେ ଚୀନର ହାତଥିବା ସଂକ୍ରାନ୍ତରେ ଇଂରାଜୀ ଦି ୱିକ ପକ୍ଷରୁ ପ୍ରକାଶ ପାଇଛି । ଆପଲ ପାଇଁ ମୋବାଇଲ ନିର୍ମାଣକାରୀ ଏହି କମ୍ପାନୀରେ ସଂଗଠିତ ୧୭୦୦୦ କର୍ମଚାରୀଙ୍କ ଆନ୍ଦୋଳନ ପଛରେ ଯେଉଁ ଶ୍ରମିକ ସଂଗଠନଗୁଡିକ କାର୍ଯ୍ୟ କରୁଥିଲେ ସେମାନଙ୍କ ସହ ଚୀନର ଏଜେଣ୍ଟମାନଙ୍କ ହାତଥିବା ନେଇ ଗୋଇନ୍ଦା ଖବର ପ୍ରକାଶ ପାଇଛି । କ୍ୟାଣ୍ଟିନରେ ଖାଦ୍ୟର ଗୁଣବତ୍ତାକୁ କେନ୍ଦ୍ର କରି ହୋଇଥିବା ଅଭିଯୋଗ ଓ କମ୍ପାନୀର ଉତ୍ପାଦନ ବନ୍ଦ କରାଯିବାକୁ ଶ୍ରମିକ ସଂଗଠନ ଓ ରାଜନେତାଙ୍କ ଚାପ ତଥା ମିଡିଆର ପ୍ରଚର ପଛରେ ଚୀନର ଯୋଜନା ରହିଛି । କାରଣ ଆମେରିକା-ଚୀନ ଲଢେଇରେ ଭାରତ ଉତ୍ପାଦନର ବିକଳ୍ପ କେନ୍ଦ୍ରଭାବେ ମୁଣ୍ଡଟେକୁଥିବା ଯୋଗୁ ଚୀନର ଗାତ୍ରଦାହ ବଢିଛି । ଭାରତରେ କାର୍ଯ୍ୟରତ ତାଇୱାନର କମ୍ପାନୀଗୁଡିକ ହେଲେ କର୍ଣ୍ଣାଟକର ନରସାପୁରାସ୍ଥିତ ୱିଷ୍ଟ୍ରନ୍ ଇନ୍‌ଫୋକମ୍, ଚେନ୍ନାଇ ନିକଟସ୍ଥ ମହିନ୍ଦ୍ରା ସିଟୀରେ ଥିବା ପେଗାଟ୍ରନ ଟେକ୍‌ନୋଲୋଜି ପ୍ରା ଲିମିଟେଡ୍ । କିଛିମାସ ତଳେ ସମାନ ଢଙ୍ଗରେ ୱିଷ୍ଟ୍ରନ୍‌ର ଉତ୍ପାଦନକୁ ବନ୍ଦ କରି ଦିଆଯାଇଥିଲା । ସେଠାରେ କମ୍ପାନୀ ଭଙ୍ଗାରୁଜା ପାଇଁ ଏସ୍‌ଏଫ୍‌ଆଇର ଜଣେ ଛାତ୍ରନେତାଙ୍କୁ ଗିରଫ କରାଯାଇ ଥିଲା ଯିଏକି ସିପିଏମ୍‌ର ଛାତ୍ର ଶାଖାର ସଦସ୍ୟ । ଅତୀତରେ ସନମିନା, ଫୋର୍ଡ, ପିପିଜି ଏସିଆନ ପେଣ୍ଟସ, ଏନ୍‌ଫିଲ୍ଡ ଇଣ୍ଡିଆ ଲିମିଟେଡ୍ ପରି ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକରେ ଆନ୍ଦୋଳନ ହୋଇ ତାଲା ପଡିଥିଲା । କମ୍ପାନୀ ପରିସର ଭିତରେ ଶ୍ରମିକ ସଂଗଠନର କାର୍ଯ୍ୟକୁ ଅନୁମତି ମିଳିନଥିଲା । ଶ୍ରମିକ ସଂଗଠନ ସହ ସଂପୃକ୍ତ ଥିବା ଶ୍ରମିକମାନଙ୍କର ଚାକିରୀ ସୁରକ୍ଷା ନଥିଲା । ସେମାନେ ଠିକାରେ କାମ କରୁଥିଲେ । ତେଣୁ ପେସାଦାର ଶ୍ରମିକ ନେତାମାନେ ରାଜନେତା ଏବଂ ଗଣମାଧ୍ୟମକୁ ହାତ କରି କମ୍ପାନୀ ଭିତରେ ଶ୍ରମିକଙ୍କ ପାଇଁ ସୁବିଧା ନଥିବା ଅଭିଯୋଗ ଆଣିଥିଲେ । ଅଭିଯୋଗ ଆଧାରରେ ନିଉ ଡେମୋକ୍ରାଟିକ ଲେବର ଫ୍ରଣ୍ଟ, ପିପୁଲ୍‌ସ ଡେମୋକ୍ରାଟିକ୍ ୟୁଥ ଆସୋସିଏସନ୍, ପିପୁଲସ ରାଇଟସ୍ ପ୍ରୋଟେକସନ ସେଣ୍ଟର, ଷ୍ଟୁଡେଣ୍ଟସ୍ ଫର ରାଇଜିଙ୍ଗ୍ ମୁଭମେଣ୍ଟ ଆଦି ସଂଗଠନର ନେତୃତ୍ୱରେ ଆନ୍ଦୋଳନ ହେଲା । ଫଳରେ କମ୍ପାନୀ କାମବନ୍ଦ କରିବାକୁ ନିଷ୍ପତ୍ତି ନେଲା ।

କାରଣ ରାଜ୍ୟ ସରକାରଙ୍କ ଯେଉଁ ପ୍ରତିନିଧିମାନେ କମ୍ପାନୀର ପରିଦର୍ଶନରେ ଗଲେ ସେମାନେ ଶ୍ରମିକ ସଂଗଠନଙ୍କ ଭାଷାରେ ହିଁ ମତ ଦେଲେ । ପ୍ରତି ଶ୍ରମିକକୁ ଅତି କମ୍‌ରେ ୫୦ ବର୍ଗ ଫିଟ ସ୍ଥାନ ହଷ୍ଟେଲରେ ଦେବାକୁ, ବିଦ୍ୟୁତ କାଟ ବେଳେ ଇନ୍‌ଭର୍ଟର ଯୋଗାଇ ଦେବାକୁ ଦାବି ହେଲା । ଫକ୍ସକନ୍ କମ୍ପାନୀ ଶ୍ରମିକଙ୍କ ପାଇଁ ପ୍ରଥମେ ସବୁ ସୁବିଧାର ବ୍ୟବସ୍ଥା କରିବାକୁ ରାଜ୍ୟର ଶ୍ରମମନ୍ତ୍ରୀ ସିଭି ଗଣେଶନ କହିଛନ୍ତି ।

ତାମିଲନାଡୁର ଶ୍ରୀ ପେରୁମ୍ବୁଦୁର ଅଞ୍ଚଳରେ ସିପିଏମ୍‌ର ଶ୍ରମିକ ସଂଗଠନ ସିଟୁର ପ୍ରଭାବ ରହିଛି । ଅତୀତରେ ୨୦୧୪ରେ ନୋକିଆର ହ୍ୟାଣ୍ଡସେଟ୍ ଫକ୍ସକନ୍ ନିର୍ମାଣ କରୁଥିଲା । ନୋକିଆ ହ୍ୟାଣ୍ଡସେଟକୁ ମାଇକ୍ରୋସଫ୍ଟ କମ୍ପାନୀ ସେତେବେଳେ ୭ ବିଲିଅନ ଡଲାର ଦେଇ କିଣିଥିଲା । ଟିକସ ଦେଣନେଣକୁ କେନ୍ଦ୍ର କରି ବିବାଦ ସୃଷ୍ଟି ଯୋଗୁ ସେହି କମ୍ପାନୀ ବନ୍ଦ ହୋଇଥିଲା । ପୂର୍ବରୁ ତାମିଲନାଡୁର ଫୋର୍ଡ କାର କମ୍ପାନୀ ତାର କାରଖାନାକୁ ବନ୍ଦ କରିବାକୁ ବାଧ୍ୟ ହେବାପରେ ଭାରତ ଛାଡି ଚାଲିଗଲା ସେହି କମ୍ପାନୀକୁ ଅଧିଗ୍ରହଣ କରିବାକୁ ଟାଟା କମ୍ପାନୀ ଚେଷ୍ଟା ଚଳାଇଛି । ଦେଖିବାକୁ ଗଲେ ଆପଲ କମ୍ପାନୀର ଉତ୍ପାଦନ ଚୀନ, ବ୍ରାଜିଲ ଏବଂ ଭାରତରେ ରହିଛି । ଯଦି ଏପରି ଅଯଥା ଶ୍ରମିକ ଅଶାନ୍ତି ଲାଗିରହେ ତେବେ ଚେନ୍ନାଇ କୋଲକାତାର ସ୍ଥାନ ନେବାକୁ ଅଧିକ ସମୟ ନେବ ନାହିଁ ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଚେନ୍ନାଇସ୍ଥିତ ଫକ୍ସକନ୍ କମ୍ପାନୀର ଖାଦ୍ୟ ସ୍ଥାନୀୟ କଣ୍ଟ୍ରାକ୍ଟର ଯୋଗାଇଥାଏ । ଖାଦ୍ୟପ୍ରସ୍ତୁତିର ମାନକୁ କେନ୍ଦ୍ର କରି ଉଠିଥିବା ପ୍ରଶ୍ନ ସହ କମ୍ପାନୀର ସିଧା ସଂପୃକ୍ତି ନାହିଁ । ତଥାପି ସ୍ଥାନୀୟ କଣ୍ଟ୍ରାକ୍ଟର ଖାଦ୍ୟର ଗୁଣବତ୍ତା ବଜାୟ ରଖିବାକୁ କୁହାଯାଇଛି । କମ୍ପାନୀର ହଷ୍ଟେଲରେ ପରଷା ଯାଇଥିବା ଖାଦ୍ୟଖାଇ ଶ୍ରମିକ ଅସୁସ୍ଥ ହୋଇପଡିଥିଲେ । ଡିସେମ୍ବର ୧୫ରେ ପ୍ରଥମେ ଏହା ବିରୋଧରେ ଛୋଟ ଆନ୍ଦୋଳନ ଆରମ୍ଭ ହୋଇ ୧୯ ଡିସେମ୍ବରକୁ ଚେନ୍ନାଇ - ବାଙ୍ଗାଲୋର ସଡକ ପଥକୁ ବନ୍ଦ କରାଯାଇଥିଲା । ଅସୁସ୍ଥ କର୍ମଚାରୀମାନଙ୍କୁ ପୁନାମାଲ୍ଲେ, ନେମାସ, ଥିରୁମାଝିସାଇ, ଆନ୍ନାନଗର, ଅମ୍ବାଟୁର, ଭେଲାପାଞ୍ଚୱାଡି, କିଲପକର ଡାକ୍ତରଖାନାଗୁଡିକରେ ଭର୍ତ୍ତି କରାଯାଇଥିଲା । କାଞ୍ଚିପୁରମ୍ ଜିଲ୍ଲାପାଳ ଏମ୍.ଆରତିଙ୍କ କହିବାନୁସାରେ କମ୍ପାନୀ ପକ୍ଷରୁ ସବୁ ପ୍ରକାର ସୁବିଧା ଯୋଗାଇ ଦେବାକୁ କୁହାଯାଇଛି । କାରଣ କମ୍ପାନୀ ପରିସରରେ ରହୁଥିବା ୭୦୦୦ ମହିଳା ଶ୍ରମିକଙ୍କୁ କଣ୍ଟ୍ରାକ୍ଟର କିମ୍ବା ଏଜେଣ୍ଟମାନେ ଆଣି ରଖାଇଛନ୍ତି । ଡିସେମ୍ବର ୧୮ରେ ମହିଳା ଶ୍ରମିକମାନେ ଅସୁସ୍ଥ ହେବାପରେ କାରଖାନା କର୍ତ୍ତୃପକ୍ଷ ବ୍ୟବସ୍ଥାରେ ସୁଧାର ପାଇଁ ଉତ୍ପାଦନ ବନ୍ଦ ରଖିବା କଥା କହିଛନ୍ତି । ପ୍ରାୟ ୧୧ଜଣ କଣ୍ଟ୍ରାକ୍ଟର ଶ୍ରମିକଙ୍କ ଖାଦ୍ୟ ଯୋଗାଣରେ ଥିବାରୁ କମ୍ପାନୀ ସେମାନଙ୍କଠାରୁ ଉତ୍ତରଦାୟିତ୍ୱ ଆବଶ୍ୟକ କରୁଛି । ଜିଲ୍ଲା ପ୍ରଶାସନର କମ୍ପାନୀ ଏବଂ ସ୍ଥାନୀୟ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ଯୋଗସୂତ୍ର ରହିବା ଆବଶ୍ୟକ । କୌଣସି ସ୍ଥାନୀୟ ଅସନ୍ତୋଷକୁ ଆଧାର କରି ଚୀନର ଲବି ଯେପରି ଡେଇଁ ପଡୁଛନ୍ତ ସବୁକିଛି ବନ୍ଦ କରିବାକୁ, ତାହା ଶିଳ୍ପ ପାଇଁ କ୍ଷତିକାରକ । ରାଜ୍ୟ ଓ କେନ୍ଦ୍ର ସରକାର ଶିଳ୍ପ ବିରୋଧୀ ଏହି ପେସାଦାର ଧର୍ମଘଟକାରୀଙ୍କଠାରୁ ଶିଳ୍ପଗୁଡିକୁ ରକ୍ଷା କରିବା ପାଇଁ ଆବଶ୍ୟକ ନୀତି ପ୍ରଣୟନ କରିବା ଜରୁରୀ ହୋଇ ପଡିଲାଣି ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

ଧର୍ମ ସଂସଦରେ ଗାନ୍ଧୀଙ୍କୁ ଗାଳି

ଗୋପାଳ ମହାପାତ୍ର

ଆଧୁନିକ ଭାରତର କଥିତ ଆଧୁନିକ ସାଧୁସନ୍ଥ ମାନଙ୍କର ଆଧୁନିକ ଧର୍ମ ସଂସଦର ଘଟଣା କିଛି ବିଚିତ୍ର ଭଳି ଲାଗେ । ଧର୍ମ ସଂସଦ ଯେଉଁଠି ଧର୍ମର ମହାନ ଏବଂ ଶାନ୍ତିପ୍ରିୟ ମୂଲ୍ୟର କଥା ଆଲୋଚନା କରାଯିବା କଥା ସେଠି ଶାନ୍ତିପ୍ରିୟ ମୂଲ୍ୟବୋଧକୁ ଧୁଳି ଧୁଷରିତ କରିବାର ଉଦ୍ୟମ କରାଯାଉଛି । ଯେଉଁଠି ଧର୍ମ ଏବଂ ଆଧାତ୍ମ ଉପରେ ଚିନ୍ତନ, ମନନ ଏବଂ ମନ୍ଥନ କରାଯିବା କଥା ସେଠି ବିଭିନ୍ନ ବିଶିଷ୍ଟତାରେ ସମାହିତ ଭାରତ ବର୍ଷର ଅସୀମ ଶକ୍ତିକୁ ଦୁର୍ବଳ କରି ରାଷ୍ଟ୍ରର ଏକତା ଏବଂ ଅଖଣ୍ଡତା ଉପରେ ପ୍ରହାର କରାଯିବା ପାଇଁ ଚେଷ୍ଟା କରାଯାଉଛି । ଧର୍ମ ସଂସଦରେ ନିଜକୁ ସନ୍ଥ ବୋଲି ପରିଚୟ ଦେଉଥିବା ବ୍ୟକ୍ତି ମହାତ୍ମା ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହିବା ସହ ହତ୍ୟାକାରୀ ନାଥୁରାମ ଗଡ଼ସେଙ୍କର ପ୍ରଶଂସା କରୁଛନ୍ତି । ଧର୍ମ ସଂସଦରେ ସାମିଲ ଜଣେ ମହିଳା ନାଥୁରାମ ଗଡ଼ସେଙ୍କର ପୂଜା କରାଯିବା ପାଇଁ କହୁଛନ୍ତି । ଏସବୁ କଥା ଶୁଣି ଧର୍ମ ସଂସଦରେ ଉପସ୍ଥିତ



ଧାରାବାହିକ ପୌରାଣିକ ଉପନ୍ୟାସ

ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ

ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ଭାଗ-୪୪

ସରୋବରକୁ ଉଦ୍ଦିଷ୍ଟ ପଥ ଚତୁର୍ଦ୍ଦିଗରୁ ତାଙ୍କ ସେନାନୀମାନଙ୍କ ଦ୍ୱାରା ଅବରୁଦ୍ଧ ହୋଇଥିଲା । ଦୁର୍ଯ୍ୟୋଧନ କିନ୍ତୁ କାହାରି ସହ ସାଲିସ କରିବା ଲୋକ ନୁହଁନ୍ତି । ସେମାନଙ୍କ ସହ ଯୁଦ୍ଧକରି ବଳପୂର୍ବକ ସରୋବର ମଧ୍ୟରେ ପ୍ରବେଶ କରିବାକୁ ଇଚ୍ଛା କରନ୍ତେ, ମାୟାବୀ ଚିତ୍ରସେନ ମାୟାଯୁଦ୍ଧ କରି ବହୁ ସୈନ୍ୟଙ୍କୁ ନଷ୍ଟ କରିଦେଲେ । ଗନ୍ଧର୍ବ ସୈନ୍ୟଙ୍କ ସଂଖ୍ୟା ଆମଠାରୁ ଯଥେଷ୍ଟ ଅଧିକ ଥିଲା । ଚିତ୍ରସେନଙ୍କ ବୀରତ୍ୱ ଆମଠାରୁ କିଛି କମ୍ ନଥିଲା । ମାୟାଯୁଦ୍ଧ କରି ସେ ଆମ ସୈନ୍ୟମାନଙ୍କୁ ଭାଗଭାଗ କରିଦେଲେ । ମୁଁ ଆଉ ଦୁର୍ଯ୍ୟୋଧନ ପରସ୍ପର ଠାରୁ ବିଚ୍ଛିନ୍ନ ହୋଇଗଲୁ । ଦୁର୍ଯ୍ୟୋଧନ ଏକାକୀ ଲଢ଼ିଲଢ଼ି କ୍ଳାନ୍ତ । ତାଙ୍କୁ ଆମେ କେହି ମଧ୍ୟ ସହାୟତା କରି ପାରିଲୁ ନାହିଁ । ଶେଷରେ ଏମିତି ହେଲା, ଚିତ୍ରସେନଙ୍କ ସୈନ୍ୟମାନେ ମୋତେ ଝରିପଟୁ ଘେରାଉ କରି ବନ୍ଦୀ କରିନେଲେ । ମୋ ପାଖରେ ରହିଥିବା ଅଧିକାଂଶ ସେନା ମୃତପ୍ରାୟ । ଆତ୍ମରକ୍ଷା ପାଇଁ ମୋ ପାଖରେ ଅନ୍ୟକିଛି ବାଟ ନଥିଲା । ତେଣୁ ବାଧ୍ୟ ହୋଇ ପଛଘୁଞ୍ଚା ଦେଇ ପଳାୟନ କଲି । ମିତ୍ର ଦୁର୍ଯ୍ୟୋଧନ କେଉଁଠି ଅଟକି ରହିଲେ ତାହା ଜାଣିବାକୁ ବ୍ୟଗ୍ର ହୋଇଉଠିଲୁ ।

ପରେ ଅବଶ୍ୟ ସେ ଫେରିଲେ । କ୍ଷତବିକ୍ଷତ ତନୁ, ମଳିନ ମୁଖଶ୍ରୀ । ପରାଜୟ ଗ୍ଳାନିରେ ଜର୍ଜରିତ ତନୁମନ । ତାଙ୍କ ମୁହଁରୁ ଘଟଣାର ବିଶଦ ବିବରଣୀ ଶୁଣି ଆମେ ତଟସ୍ଥ । ଚିତ୍ରସେନଙ୍କ ସହ ଯୁଦ୍ଧରେ ଦୁର୍ଯ୍ୟୋଧନ ପରାସ୍ତ ହୋଇ ତାଙ୍କ ହାତରେ ବନ୍ଦୀ ହୁଅନ୍ତି । ଠିକ୍ ସେହି ସମୟରେ ଯୁଧିଷ୍ଠିରଙ୍କ ନିର୍ଦ୍ଦେଶରେ ଅର୍ଜୁନ ସେଠାରେ ଉପସ୍ଥିତ ହୋଇ ଚିତ୍ରସେନଙ୍କ ସହ ଯୁଦ୍ଧକରି ଦୁର୍ଯ୍ୟୋଧନଙ୍କୁ ମୁକ୍ତ କରନ୍ତି । ନହେଲେ ଗନ୍ଧର୍ବରାଜଙ୍କ ହାତରୁ ଦୁର୍ଯ୍ୟୋଧନଙ୍କୁ ରକ୍ଷାକରିବା କେବେବି ସମ୍ଭବ ହୁଅନ୍ତା ନାହିଁ । ମିତ୍ରଙ୍କୁ ମୁହଁରୁ ଶୁଣୁଥିଲି ଅର୍ଜୁନଙ୍କ ପରାକ୍ରମର କାହାଣୀ । ବନବାସରେ ମଧ୍ୟ ତାଙ୍କର ବୀରତ୍ୱ, ପରାକ୍ରମ ଟିକିଏ ମଧ୍ୟ ଊଣା ପଡ଼ି ନଥିଲା । ମୁଁ କ'ଣ କେବେବି ତାଙ୍କର ପ୍ରତିସ୍ପର୍ଦ୍ଧୀ ହୋଇପାରିବି ?

ମୁଁ, ଭାଗ୍ୟଲାଞ୍ଛିତ କର୍ଣ୍ଣ । ସମଗ୍ର ଜୀବନ ମୋର ବିଡ଼ମ୍ବନା, ପ୍ରବଞ୍ଚନାର ସୁଦୀର୍ଘ ଗାଥା । ମୋର ଭାଗ୍ୟରେଖାରେ ଲେଖାଅଛି କେବଳ ଦୁଃଖ, ଯନ୍ତ୍ରଣାର ବ୍ୟଥା । ତଥାପି ମୋ ମନରେ ବିଜୟ ଧ୍ୱଜା ଉଡ଼ାଇବା ପାଇଁ କାହିଁକି ଜାଗୁଛି ଦୁର୍ବାର ଲାଳସା । ସତରେ କ'ଣ ମୋ ଜୀବନର ସକଳ ସାଧନା ବ୍ୟର୍ଥ ହୋଇଯିବ ?

ନା ନା କର୍ଣ୍ଣ ସ୍ୱାଭିମାନୀ, ଭାଂଗିଯିବ ପଛେ ନଇଁବ ନାହିଁ । ଜୟ, ପରାଜୟ ତ ପ୍ରତ୍ୟେକଙ୍କ ଜୀବନରେ ଲାଗିରହିଛି । ଆଜି ନହେଲେ କାଲି ଯେ ଆମର ଜୟ ହେବନି, ତା କିଏ କହିପାରିବ ? ମୋ ମନରେ ବସା ବାନ୍ଧିଥିଲା ଏମିତି ଅନେକ ଉଦ୍‌ଭଟ ଭାବନା ।

ଏତିକିରେ ଆମର ଦ୍ୱୈତବନ ପରିକ୍ରମା ଶେଷ ହେଲା । ମନରେ ଅନେକ କିଛି ଆଶା ନେଇ ଯାଇଥିଲୁ । ଅଥଚ ଭାରାକ୍ରାନ୍ତ ମନ ନେଇ ଆମକୁ ସବୁ ହସ୍ତିନାପୁରକୁ ଫେରିବାକୁ ପଡ଼ିଲା ।

- ଅଣଝଲିଶ -

ଦ୍ୱୈତବନରୁ ଫେରିଲା ପରେ କେହି କାହାରି ସହ ଭଲରେ କଥା ହୋଇପାରୁ ନଥିଲୁ । ଉଦ୍ଦେଶ୍ୟ ଥିଲା ପାଣ୍ଡବମାନଙ୍କୁ ନିଜର ଅହମିକା ପ୍ରଦର୍ଶନ କରିବା । ମାତ୍ର ଆମର ସବୁ ସ୍ୱପ୍ନ ବିଫଳ ହୋଇଗଲା । ଚିତ୍ରସେନଙ୍କ ଠାରୁ ପରାଜୟ ଆମର ସବୁ ସ୍ୱପ୍ନକୁ ଧୂଳିସାତ୍ କରିଦେଲା । ଲଜ୍ଜା, ଅପମାନର ଗ୍ଳାନିରେ କ୍ଷତାକ୍ତ ହୋଇଗଲୁ । ମିତ୍ର ଦୁର୍ଯ୍ୟୋଧନ ତ ଅପମାନ ଜ୍ୱାଳାରେ ଜର୍ଜରିତ । ଆଖିକୋଣରୁ ଝରି ଯାଉଥାଏ ଅପମାନର ଦରଦର ଲୁହ । ସେ ଲୁହ ନା କାହାକୁ ଦେଖାଇ ହେବ ନା ନିଜେ ଦେଖିପାରିବ । ଏମିତିକି ନିଜ ଉପରେ ଆସ୍ଥା ଓ ବିଶ୍ୱାସ ତୁଟି ଯାଇଥାଏ । କେମିତି ନ ହେବ ଯେ ? ଯେଉଁମାନଙ୍କୁ ଅପମାନିତ କରିବା ଲାଗି ଚକ୍ରାନ୍ତ କରିଥିଲେ, ସେଇମାନେ ହିଁ ତାଙ୍କୁ ମୁକ୍ତି ଦେଇଛନ୍ତି । ଆସନ୍ନ ବିପଦରୁ ଜୀବନ ବଞ୍ଚାଇ ଦେଇଛନ୍ତି । ଅହଂସମ୍ପନ୍ନ ପୁରୁଷଟିଏ ପାଇଁ ଏହାଠାରୁ ବଳି ଆଉ ଅଧିକ କ'ଣ ଅପମାନ ଥାଇପାରେ ?

ଆଉ ମୁଁ, ମୋର ନିଜର ଗର୍ବ, ଅହଂ ସବୁ ଭାଂଗି ଚୁରମାର ହୋଇ ଯାଉଥିଲା । ଯେଉଁ ଜନ୍ମଜାତକ କବଚ କୁଣ୍ଡଳକୁ ନେଇ ଗର୍ବ କରୁଥିଲି, ଅଜେୟ ବୋଲି ଦମ୍ଭ ଦେଖାଉଥିଲି । ସେହି ମହାବୀର କର୍ଣ୍ଣର ବୀରତ୍ୱ କୁଆଡ଼େ ଗଲା । ମୁଁ ନିଜେ ମଧ୍ୟ ନିଜ ଉପରେ ବିଶ୍ୱାସ ହରାଇ ଦେଇଥିଲି । ନିଜକୁ ମନେମନେ ଖୁବ୍ ହୀନ ମନେ କରୁଥିଲି । କୁରୁସଭାକୁ ଯାଇ ନିଜ ମୁହଁ ଦେଖାଇବାକୁ ଲଜ୍ଜା ଲାଗୁଥିଲା । ରାଜସଭାକୁ ଯିବାକୁ ମୋ ମନରେ ନଥିଲା ଆଗ୍ରହ କି ସ୍ପୃହା ।

ମିତ୍ର ଦୁର୍ଯ୍ୟୋଧନ ବାରମ୍ବାର ମୋତେ ଡକାଇ ପଠାଉଥାନ୍ତି । ମୁଁ ଜାଣିଥିଲି ମିତ୍ରଙ୍କର ମୁଁ କେତେ ପ୍ରିୟ । ସୁଖରେ ହେଉ କି ଦୁଃଖରେ ହେଉ ତାଙ୍କର ମୋତେ ହିଁ ଲୋଡ଼ା ହୁଏ । ଦୁଃଖ ବାଣ୍ଟିଦେଲେ ସିନା ଦୁଃଖ ଲାଘବ ହୁଏ । ଚିତ୍ରସେନଙ୍କ କବଳରୁ ପୁଣି ପାଣ୍ଡବମାନଙ୍କ ଅନୁକମ୍ପାରୁ ତାଙ୍କର ମୁକ୍ତି ତାଙ୍କ ପାଇଁ ଯେ, କେତେ ଯନ୍ତ୍ରଣାଦାୟକ ତାହା ମୁଁ ମର୍ମେମର୍ମେ ବୁଝିପାରୁଥିଲି । ଆଉ ଏଭଳି ଦୟନୀୟ ପରିସ୍ଥିତିରେ ମିତ୍ର ହିସାବରେ ତାଙ୍କ ପାଖେପାଖେ ରହି ସମବେଦନା ଜଣାଇବା ମୋର କର୍ତ୍ତବ୍ୟ । ରାଜସଭାରେ ଯିଏ ଯାହା କହନ୍ତୁ ନା କାହିଁକି, ମୁଁ ଜାଣେ ମିତ୍ର ମୋତେ କେବେବି ଆକ୍ଷେପ କରି କୌଣସି କଟୁକଥା କହନ୍ତି ନାହିଁ । ଏହାହିଁ ତାଙ୍କର ମୋ ପ୍ରତି ଉଦାରତା । ଅନ୍ୟମାନଙ୍କ ପାଇଁ ସେ ଅହଂକାରୀ, ସ୍ୱାଭିମାନୀ, କପଟୀ ଯାହା ବି ହୁଅନ୍ତା ନା କାହିଁକି, ମୋ ପାଇଁ ସେ ଅନନ୍ୟ । ମୁଁ ତାଙ୍କ ନିକଟରେ କୃତଜ୍ଞ, ବଶମ୍ବଦ ।

ସେଦିନ ରାଜସଭାରେ ଆଲୋଚନାର ବିଷୟବସ୍ତୁ ଥିଲା, ସ୍ୱର୍ଗତଃ ମହାରାଜା ପାଣ୍ଡୁ ଯେଉଁସବୁ ରାଜ୍ୟଗୁଡ଼ିକ ଜୟକରି କୁରୁରାଜ୍ୟରେ ମିଶାଇ ଦେଇଥିଲେ, ସେଗୁଡ଼ିକ ଏବେ ସ୍ୱାଧୀନ ହୋଇଗଲେଣି । ଏହାର ଏକମାତ୍ର କାରଣ ହେଉଛି କୁରୁ ପାଣ୍ଡବ ମଧ୍ୟରେ ବିବାଦ । ଦୀର୍ଘଦିନ ଧରି ବିଭିନ୍ନ ବିବାଦୀୟ ପରିସ୍ଥିତି ପାଇଁ ପ୍ରତ୍ୟେକେ ସ୍ୱାଧୀନ ରାଜ୍ୟ ହୋଇଗଲେଣି । ତେଣୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବାପାଇଁ ପୁନର୍ବାର ସେସବୁ ରାଜ୍ୟ ଜୟକରି ହସ୍ତିନାପୁର ଅଧୀନକୁ ଆଣିବାକୁ ପଡ଼ିବ । ଉପସ୍ଥିତ ସଭାସଦ୍‌ବର୍ଗ ଏଥିରେ ସମସ୍ତେ ଏକମତ ହେଲେ । ମାତ୍ର ଏସବୁର ନେତୃତ୍ୱ ନେବ କିଏ ? ଏ ନେଇ ପରସ୍ପର ମଧ୍ୟରେ ଆଲୋଚନା ଚାଲିଥିବାବେଳେ ଦୁର୍ଯ୍ୟୋଧନ ହିଁ ପ୍ରଥମେ ଉଠିପଡ଼ି କହିଲେ - ଏ ଦାୟିତ୍ୱ ଅଂଗରାଜ କର୍ଣ୍ଣଙ୍କୁ ଦିଆଯାଉ । ସେ କେବଳ ବୀର ନୁହଁନ୍ତି ମହାବୀର, ପୁଣି ତାଙ୍କ ଦେହରେ ଅଛି କବଚ କୁଣ୍ଡଳ । ସଂଗେସଂଗେ ଗାନ୍ଧାର ନରେଶ ଶକୁନିମାମୁ ଦୁର୍ଯ୍ୟୋଧନଙ୍କ କଥାକୁ ସମ୍ମତି ଜଣାଇ କହିଲେ, କର୍ଣ୍ଣ ହିଁ ଏ କାର୍ଯ୍ୟ ପାଇଁ ଯୋଗ୍ୟ ବ୍ୟକ୍ତି ।

ଭାବିଲି ମୋର ବୀରତ୍ୱ ଉପରେ ତେବେ ଗାନ୍ଧାର ନରେଶଙ୍କର ମଧ୍ୟ ଭରସା ଅଛି । ସଭାସଦ୍ ମାନଙ୍କ ମଧ୍ୟରୁ କାହାର କିଛି ପ୍ରତିବାଦ ନଥିଲା । କେବଳ ପ୍ରତିବାଦ କରୁଥିଲେ ପିତାମହ । ସେ ତ ସବୁଦିନେ ଏମିତି । ଆଜିପର୍ଯ୍ୟନ୍ତ ସେ କେବେ ମୋତେ ଅଂଗରାଜ ବୋଲି ସମ୍ବୋଧନ କରିନାହାଁନ୍ତି । ବରଂ ତାଚ୍ଛଲ୍ୟକରି ସୂତପୁତ୍ର ବୋଲି ଡାକିଥାନ୍ତି । ମୋର ବୀରତ୍ୱ ପ୍ରତି ତାଙ୍କ ମନରେ ଘୋର ସନ୍ଦେହ । ସେ ଯେତେବେଳେ ପୃଥିବୀର ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ଭାବେ ଅର୍ଜୁନଙ୍କୁ ହିଁ ଧରି ନେଇଛନ୍ତି, ସେତେବେଳେ ତାଙ୍କ ହୃଦୟରେ ମୋ ପାଇଁ ସ୍ଥାନ ରହିବ କେଉଁଠି ? ମୁଁ ଯେ ଭବିଷ୍ୟତରେ ଅର୍ଜୁନଙ୍କ ସହ ଅସମ୍ବର୍ଦ୍ଧା କରିବା ଲାଗି ଅଭିଳାଷ ରଖିଛି, ତାହା ତାଙ୍କ ପାଇଁ ଚକ୍ଷୁଶୂଳ । ତାଙ୍କ ମତରେ ଅର୍ଜୁନ ସହ ମୁଁ କୌଣସି ଗୁଣରେ ସମକକ୍ଷ ନୁହେଁ । ସେଇଥିପାଇଁ ତ ତାଙ୍କ ମନରେ ମୋ ପ୍ରତି ତାଚ୍ଛଲ୍ୟ ଭାବ ।

ମୁଁ ରାଧାନନ୍ଦନ ରାଧେୟ । ତେଣୁ ମୋତେ ରାଧେୟ ବୋଲି ଡାକିବାରେ ତ ତାଙ୍କର ଅସୁବିଧା ନଥିଲା । ତେବେ ସୂତପୁତ୍ର ଡାକରେ ସେ ମୋର ଅନ୍ତର୍ବେଦନାକୁ ଦ୍ୱିଗୁଣିତ କରି ଦେଉଥିଲେ କାହିଁକି ? କୁରୁ ସାମ୍ରାଜ୍ୟର ପିତାମହର ମାନ୍ୟତାରେ ମୁଁ ତାଙ୍କୁ ଯଥାଯୋଗ୍ୟ ସମ୍ମାନ ଦେଖାଇବାରେ କାର୍ପଣ୍ୟତା କରି ନଥିଲି । ହେଲେ ଭିତରେ ଭିତରେ ମୁଁ ଯେ ଜଳୁଥିଲି । ତାହା କେବଳ ମୋତେ ହିଁ ଜଣା । ହତଭାଗା କର୍ଣ୍ଣର ଜନ୍ମ କ'ଣ କେବଳ ଜଳିବାପାଇଁ ।

ପରିଶେଷରେ ମୋ ଦ୍ୱାରା ରାଜ୍ୟଜୟ କରିବା ଆଶାରେ ମୋତେ ଦିଗ୍‌ବିଜୟ ଯାତ୍ରାରେ ପଠାଗଲା । ମୋ ସହ ମୋ ଚାହିଁବା ଅନୁଯାୟୀ ସୈନ୍ୟବାହିନୀ ମଧ୍ୟ ପଠାଗଲା । ମୋତେ ଯିଏ ଯେମିତି ଭାବେ ଭାବନ୍ତୁ ନା କାହିଁକି, ମୁଁ ଯେ ବିଜୟୀ ହୋଇ ଫେରିଆସିବି, ଏ ଆତ୍ମବିଶ୍ୱାସ ମୋର ରହିଥିଲା, ତେଣୁ ମୁଁ କାହାରି ସମାଲୋଚନାକୁ ଭ୍ରୂକ୍ଷେପ ନକରି ମୋ ନିଜସ୍ୱ ବିଶ୍ୱାସ ଓ ଭରସା ଉପରେ ଆସ୍ଥା ରଖି ଦିଗ୍‌ବିଜୟ ଯାତ୍ରା ପାଇଁ ନିଜକୁ ପ୍ରସ୍ତୁତ କରିନେଲି ।

ଯଥାସମୟରେ ମୁଁ ଶୁଭଯାତ୍ରାରେ ବାହାରିଲି । ହସ୍ତିନାପୁର ରାଜଭବନର ମହାଦ୍ୱାର ନିକଟରେ ମୋତେ ବିଦାୟ ସମ୍ଭାଷଣ ଦିଆଗଲା । ହସ୍ତିନାପୁର ରାଜରାସ୍ତାରେ ମୋର ଯୁଦ୍ଧରଥ ଗଡ଼ିଚାଲିଲା ଆଗକୁ ଆଗକୁ । ମୋ ମନରେ ଅସୀମ ଉତ୍ସାହ ଓ ଉଦ୍ଦୀପନା । ପ୍ରଥମେ ଗଲି କାମ୍ପିଲ୍ୟ ରାଜ୍ୟକୁ । ପରେପରେ ପାଞ୍ଚାଳ, କୋଶଳ, ବିଦେହ, ମଗଧ, ବଙ୍ଗ, ବିଦର୍ଭ, ଚେଦି, ମାଳବ ଇତ୍ୟାଦି ଆହୁରି ଅନେକ ଛୋଟବଡ଼ ରାଜ୍ୟକୁ ଗଲି । ସବୁଠାରେ ହେଲା ମୋର ବିଜୟ । କେଉଁଠି ଯୁଦ୍ଧ ହେଲା ତ,

କେଉଁଠି ଯୁଦ୍ଧ ଭୟରେ ରାଜାଙ୍କର କର ଆଦାୟ ପାଇଁ ସ୍ୱେଚ୍ଛାକୃତ ସମ୍ମତି । ଦୁର୍ଯ୍ୟୋଧନଙ୍କ ଶଶୁର ରାଜ୍ୟ କଳିଙ୍ଗକୁ ମଧ୍ୟ ଯାଇଥିଲି । ଏମିତି ଆହୁରି ଅନେକ ଛୋଟବଡ଼ ରାଜ୍ୟକୁ ଯାଇ ଦିଗ୍‌ବିଜୟ କରିଥିଲି । ଏତେଗୁଡ଼ିଏ ରାଜ୍ୟର ସଠିକ୍ ତାଲିକା ମୋ ସ୍ମରଣରେ ନାହିଁ । ତଥାପି ଏତିକି ତ କହିବି, ସମଗ୍ର ଆର୍ଯ୍ୟାବର୍ତ୍ତ ହିଁ ମୋ ଦିଗ୍‌ବିଜୟର କ୍ଷେତ୍ର । ଭାଗ୍ୟ ମୋ ପାଇଁ ଅନୁକୂଳ ଥିଲା । ନହେଲେ, ଏତେଗୁଡ଼ିଏ ରାଜ୍ୟ ମୋ ଆୟତ୍ତାଧିନକୁ ଆସିବା କେବେ ସମ୍ଭବ ହୁଅନ୍ତା ନାହିଁ ।

ଦିଗ୍‌ବିଜୟ ସମାପ୍ତ କରି ହସ୍ତିନାପୁର ଫେରିଲି । ସଂଗରେ ଆଣିଥିଲି ବିଭିନ୍ନ ରାଜ୍ୟ ମାନଙ୍କର ଉପହାର ସ୍ୱରୂପ ପାଇଥିବା ଧନ, ରତ୍ନ, ମଣିମାଣିକ୍ୟ ଆଦି ଭୂଷଣ । ସେଦିନର ତିଥି, ବାର ମୋର ସଠିକ୍ ମନେ ନଥିଲେ ମଧ୍ୟ ମୋ ପାଇଁ ଯେ କିଛି ଶୁଭଦିନ ଥିଲା ଏହା ନିଃସନ୍ଦେହ । କାରଣ ଚିର ଉପେକ୍ଷିତ କର୍ଣ୍ଣକୁ ସେଦିନ ମିଳିଥିଲା ପିତାମହଙ୍କ ଠାରୁ ଦୀର୍ଘଜୀବୀ ହେବାର ଆଶୀର୍ବାଦ । ଯେଉଁ ସ୍ନେହାଶିଷ ଟିକକ ପାଇବା ପାଇଁ ମୋ ମନରେ ବହୁଦିନୁ ଅଭିଳାଷ ଥିଲା, ତାହା ମୋର ବିଜୟୋଲ୍ଲାସରେ ସାର୍ଥକ କରିଦେବ ତା ମୁଁ କେବେ ସ୍ୱପ୍ନରେ ଭାବି ନଥିଲି । ପିତାମହଙ୍କ ବୋଧେ ଧାରଣା ଥିଲା କର୍ଣ୍ଣ କେବେବି ବିଜୟୀ ହୋଇ ଫେରିବେନି । ମାତ୍ର ମୋର ଏ ବିଜୟ ତାଙ୍କ ହୃଦୟକୁ ଏଭଳି ସ୍ପର୍ଶ କରିଦେଇଥିଲା ଯେ, ସେ ମୋତେ କୋଳାଗ୍ରତ କରି ଉଲ୍ଲସିତ ହୋଇ ପଡ଼ିଥିଲେ । ପିତାମହଙ୍କ ଠାରୁ ଏଭଳି ଆଶୀର୍ବାଦ ମୋ ଜୀବନ ଇତିହାସରେ ଚିର ସ୍ମୃତିମୟ ହୋଇ ରହିଯିବ । ଆଗାମୀ ଭବିଷ୍ୟତରେ ମୁଁ ଯେ ଆହୁରି ଆଗକୁ ବଢ଼ିପାରିବି, ଆହୁରି ବୀରତ୍ୱ ପ୍ରଦର୍ଶନ କରିପାରିବି ସେଇ ଆଶା ନେଇ ମୁଁ ନିଜେ ମଧ୍ୟ ଆତ୍ମସନ୍ତୋଷ ଲାଭ କରିଥିଲି ।

ମୋ ପାଇଁ କୁରୁସାମ୍ରାଜ୍ୟର ପ୍ରଗତି ହୋଇଛି । ବଢ଼ିଯାଇଛି ରାଜ୍ୟର ପରିସୀମା । ତେଣୁ କୁରୁ ପରିବାରର ସମସ୍ତେ ମୋ ପ୍ରତି ଆଶ୍ୱସ୍ତ । ମିତ୍ର ଦୁର୍ଯ୍ୟୋଧନ ତ ବହୁତ ଖୁସି । ଏସବୁକୁ ନେଇ ମୋର ମଧ୍ୟ ବେଶ୍ ଖୁସି ଆନନ୍ଦରେ କିଛିଦିନ କଟିଗଲା । ଆଉ କୁଆଡ଼େ ନଯାଇ ନିଜ ରାଜ୍ୟକୁ ଫେରିଆସିଲି । ଠିକ୍‌କଲି ଏବେ ଆଉ ଅନ୍ୟକିଛି କାର୍ଯ୍ୟ ନକରି ବିଶ୍ରାମ ନେବି । ଦିଗ୍‌ବିଜୟୀ ପରେ କ୍ଳାନ୍ତ ଥିଲି । କ୍ଳାନ୍ତି ଅପନୋଦନ ପାଇଁ ମୋର ତ ବିଶ୍ରାମ ଲୋଡ଼ା । ତେଣୁ ଏକ ଶାନ୍ତ ବାତାବରଣ ମଧ୍ୟରେ ରହିବାପାଇଁ ନିଜ ରାଜ୍ୟକୁ ଚାଲିଆସିଲି । ଏକାକୀ ନିଜ ଭବନ ମଧ୍ୟରେ ସମୟ କଟାଇବାକୁ ମନସ୍ଥ କଲି ।

ସେଦିନ ବୋଧହୁଏ ଥିଲା ଶରତଋତୁର ଏକ ଆଳସ୍ୟ ଅପରାହ୍ନ । ମେଘମେଦୁର ଆକାଶରୁ ଅଳ୍ପଅଳ୍ପ ଝରୁଥାଏ ବର୍ଷା । ଶୀତ ସେତେଟା ଆସ୍ଥାନ ଜମାଇ ପାରିନଥାଏ । ପରିବେଶ ଥିଲା ଶୀତଳ ଓ ମନୋମୁଗ୍ଧକର । ମୁଁ ମୋ ପଲଙ୍କରେ ନିଶ୍ଚିତ ନିଦ୍ରା ଯାଇଥାଏ । ଏକ ବିଚିତ୍ର ସ୍ୱପ୍ନ ମୋ ମନକୁ ଭାରାକ୍ରାନ୍ତ କରି ଦେଉଥିଲା ।

ପ୍ରାତଃସ୍ନାନ ପରେ ସୂର୍ଯ୍ୟପ୍ରଣାମ କରିବା ମୋର ନିତ୍ୟ ଅଭ୍ୟାସ । ସେଦିନ ସ୍ୱପ୍ନପୁରୁଷ ଥିଲେ ମୋର ଆଦ୍ୟଗୁରୁ ସୂର୍ଯ୍ୟଦେବ । ତାଙ୍କ ମୁଖମଣ୍ଡଳରେ ଲାଗି ରହିଥିଲା ଛଳଛଳ ଦିବ୍ୟହସ, ଆଖିରେ ସ୍ନେହପୂର୍ଣ୍ଣ ଚାହାଣୀ । ଆଶୀର୍ବାଦ ମୁଦ୍ରା ତୋଳି ସେ ମୋତେ କହୁଥିଲେ - ବତ୍ସ କର୍ଣ୍ଣ ! ଖୁବ୍ ନିକଟରେ ତୁମପାଇଁ ଏକ ସଂକଟକାଳ ଉପସ୍ଥିତ ହେବ । ଜଗତ ଜାଣିଛି ତୁମେ ମହାଦାନୀ । ତୁମକୁ ସେହି ଦାନର ପରୀକ୍ଷା ଦେବାକୁ ପଡ଼ିବ । ତୁମ ପାଖକୁ ଦାନ ମାଗିବା ପାଇଁ ଆସିବେ ଜଣେ ବ୍ରାହ୍ମଣୀବେଶୀ ବୃଦ୍ଧ । ଯିଏ ତୁମ ଠାରୁ ଏକ ବିଚିତ୍ର ଦାନ ମାଗିବେ ।

କାହାରିକୁ ଦାନ ଦେବାକୁ ମୋ ନିକଟରେ ନା ଅଛି ଭୟ ଅବା କାର୍ପଣ୍ୟତା । ଏ ଦେହରେ ଜୀବନଥିବା ପର୍ଯ୍ୟନ୍ତ ଦାନପାଇଁ ମୁଁ ଭୟ କରେନା ।

କିନ୍ତୁ ଏ ଦାନ ଯେ ସାଧାରଣ ଦାନ ନୁହେଁ ଏ ଦାନ ସହିତ ଜଡ଼ିତ ରହିଛି ତୁମର ଜୀବନ ମରଣ ସମସ୍ୟା । ତୁମକୁ ଶକ୍ତିହୀନ କରିବାପାଇଁ ସେ ତୁମର କବଚକୁଣ୍ଡଳ ମାଗିବେ । ଆଉ ଏତକି ମନେରଖ, ସେ ପ୍ରାର୍ଥୀଜଣକ ଅନ୍ୟମାନଙ୍କ ଠାରୁ ନିଆରା । ସ୍ୱୟଂ ଅର୍ଜୁନଙ୍କ ପିତା ଇନ୍ଦ୍ରଦେବ । ତେଣୁ ତୁମକୁ ଏସବୁ ଅବଗତ କରାଇ ସତର୍କ କରିଦେଲି । ତୁମ ଦେହରେ ଥିବା ଜନ୍ମଜାତ କବଚକୁଣ୍ଡଳ ଯେ କୌଣସି ପରିସ୍ଥିତିରେ ମଧ୍ୟ କେବେବି ଦାନ କରିବ ନାହିଁ । ସେ କବଚ କୁଣ୍ଡଳ ତୁମ ଜୀବନ ସୁରକ୍ଷାର କବଚ । ତୁମର ଶକ୍ତି । ଏହା ଛିନ୍ନ ହୋଇଗଲେ ତୁମେ ହେବ ଶକ୍ତିହୀନ । ତୁମ ଭଲପାଇଁ ତୁମକୁ ସାବଧାନ କରାଇ ଦେଲି ।

ମୋ ଜୀବନ ମରଣକୁ ନେଇ ଆପଣଙ୍କ ମନରେ ଚିନ୍ତା ରହିଛି । ତେଣୁ ଆପଣଙ୍କ ପରି ଜଣେ ଶୁଭାକାଂକ୍ଷୀର ପରାମର୍ଶ ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ । ତେବେ ମୁଁ ମଧ୍ୟ ମୋର ସ୍ୱୀକାରୋକ୍ତିରେ ଏତିକି କହିବାକୁ ଚାହେଁ ମୁଁ କର୍ଣ୍ଣ, ଚିର ଉପେକ୍ଷିତ, ଲାଞ୍ଛିତ, ନିର୍ଯାତିତ । ନୀଚକୁଳରେ ଜନ୍ମ ହୋଇଛି ସତ, ହେଲେ କର୍ଣ୍ଣର ଜନ୍ମ ତ କିଛି ନେବାପାଇଁ ନୁହେଁ । ବରଂ ଦେବାପାଇଁ କେବଳ ଦେବାପାଇଁ । ତେଣୁ ମୋ ଆଗରେ କେହି ହାତ ପତାଇଲେ ମୁଁ ତାଙ୍କୁ ଶୂନ୍ୟହସ୍ତରେ ଫେରାଇ ପାରିବିନି । ସେ ଇନ୍ଦ୍ର ହୁଅନ୍ତୁ କି ଯେ କେହି ହୁଅନ୍ତୁ ନା କାହିଁକି କର୍ଣ୍ଣ ଦାନ ଦେବାପାଇଁ ସତତ ଆଗ୍ରହୀ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

ଆଜିର କବିତା

ଆମ ଗାଆଁରେ ଶୀତ...

ଆଦ୍ୟାଶା ମହାପାତ୍ର

ଆମ ଗାଁ ଭିତରେ ପୁଷ ମାଘ ମାସେ ବୁଲଇ ଜରତୀ ଶୀତ
ବଣି କାକାତୁଆ ଗାଆନ୍ତି ଖୁସିରେ ସତେ ଆବାହନୀ ଗୀତ
ଶୀତ ଆସି ବୁଲେ ସୋରିଷ କ୍ଷେତରେ ହଳଦିଆ ପାଟ ପିନ୍ଧି
ଦୁର୍ବାଦଳ ମା

ଶାସ୍ତ୍ରୀଜୀଙ୍କ ଜୟ ଜବାନ୍ ଓ ଜୟ କିଷାନ୍ ସ୍ଲୋଗାନ୍ ତାଙ୍କୁ ଚିରସ୍ମରଣୀୟ କରି ରଖିଛି

ଭୁବନେଶ୍ୱର,୧୨/୧ (ନି.ପ୍ର): ଭାରତ ବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ, ଜୟଜବାନ୍ ଓ ଜୟ କିଷାନ୍ ସ୍ଲୋଗାନ୍‌ର ପ୍ରବକ୍ତା ନୀତିନିଷ୍ଠ ରାଜନୈତିଜ୍ଞ, ଶାନ୍ତିଦୂତ ଲାଲବାହାଦୂର ଶାସ୍ତ୍ରୀଙ୍କ ୫୬ତମ ତିରୋଧାନ ଦିବସ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ, ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ଶାସ୍ତ୍ରୀନଗରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶାସ୍ତ୍ରୀନଗର ଉନ୍ନୟନ ପରିଷଦର ସଭାପତି ଇଂଜିନିୟର ଗିରିଜା ନନ୍ଦନ ମହାନ୍ତି, ସାଧାରଣ ସମ୍ପାଦକ ଆଡ୍‌ଭୋକେଟ୍ ଅଶୋକ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ଡକ୍ଟର ମାନଗୋବିନ୍ଦ ସାନ୍ତ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଅଭିରାମ ଜେନା, ବାବୁରାମ ସାହୁ, ବୈକୁଣ୍ଠନାଥ ମିଶ୍ର, ପୂର୍ବତନ କର୍ପୋରେଟର ନରେନ୍ ସାହୁ ଓ ଉମାନାଥ ମିଶ୍ର, ଯୋଗଦାନ କରି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ଶାନ୍ତିଦୂତ ଶାସ୍ତ୍ରୀଜୀ ପିଲାବେଳେ ବାପ ଛେଉଣ୍ଡ ହୋଇ ପ୍ରତିକୂଳ ପରିବେଶଷରେ ଉଚ୍ଚଶିକ୍ଷା ଲାଭ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ କଂଗ୍ରେସ ଦଳରେ ଯୋଗଦାନ କରି ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହେବାସହ ଦେଶର ସ୍ୱାଧୀନତା ପରେ ଲୋକସଭାକୁ ନିର୍ବାଚିତ ହୋଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିବା ସହ ଜବାହାରଲାଲ୍ ନେହେରୁଙ୍କ ପରଲୋକ ପରେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ । ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ସଚ୍ଚୋଟତା ଓ ସାଧୁତା ନିର୍ବାହ କରିବା ଏକ ଉଦାହରଣ ହୋଇ ରହିଆସିଛି ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶାସ୍ତ୍ରୀନଗର ବାସିନ୍ଦାମାନେ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଶାସ୍ତ୍ରୀଜୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ସରକାରଙ୍କୁ ନିବେଦନ କରିଥିଲେ । ଏହି ଅବସରରେ ଡଃ ମାନଗୋବିନ୍ଦ ସାନ୍ତଙ୍କୁ ଶାନ୍ତିଦୂତ ଲାଲବାହାଦୁର ଶାସ୍ତ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

ବୃକ୍ଷରୋପଣ ଲାଗି ପ୍ରୋତ୍ସାହନ : ଗ୍ରାମ ପଞ୍ଚାୟତ ଓ ଶିକ୍ଷାନୁଷ୍ଠାନକୁ ମିଳିବ ପୁରସ୍କାର

ଭୁବନେଶ୍ୱର,୧୨/୧ (ନି.ପ୍ର): ବୃକ୍ଷରୋପଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଲାଗି ୨୦୨୧-୨୨ ଆର୍ଥିକ ବର୍ଷରେ ଶ୍ରେଷ୍ଠ ବିବେଚିତ ଗ୍ରାମ ପଞ୍ଚାୟତ ଓ ଶିକ୍ଷାନୁଷ୍ଠାନକୁ ପୁରସ୍କୃତ କରାଯିବ । ପ୍ରତି ସବ୍‌ଡିଭିଜନ୍‌ସ୍ତରରେ ଗୋଟିଏ ଗ୍ରାମ ପଞ୍ଚାୟତ ଓ ଶିକ୍ଷାନୁଷ୍ଠାନ ଯଥାକ୍ରମେ ୨୦ ହଜାର ଓ ୧୦ ହଜାର ଟଙ୍କା ପୁରସ୍କାର ପାଇବାକୁ ରାଜ୍ୟ ସରକାର ସ୍ଥିର କରିଛନ୍ତି । ମାର୍ଚ୍ଚ ୨୧ରେ ଜିଲ୍ଲା ସଦର ମହକୁମାରେ ପାଳିତ ହେବାକୁ ଥିବା ବିଶ୍ୱ ବନ ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ । ଗତ ତିନି ବର୍ଷ ଭିତରେ କୌଣସି ଗ୍ରାମ ପଞ୍ଚାୟତ କିମ୍ବା ଶିକ୍ଷାନୁଷ୍ଠାନ ପର୍ଯ୍ୟାପ୍ତ ମାତ୍ର ?ାରେ ବୃକ୍ଷରୋପଣ, ବନୀକରଣ, ବନ ସୁରକ୍ଷା କରିଥିବା କିମ୍ବା ଜନ ସଚେତନତା ସୃଷ୍ଟି କରିବାରେ ସଫଳ ହୋଇଥିବା ଆବଶ୍ୟକ । ଯୋଗ୍ୟ ପଞ୍ଚାୟତ ଓ ଶିକ୍ଷାନୁଷ୍ଠାନ ଆସନ୍ତା ୨୫ ତାରିଖ ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ସମ୍ପୃକ୍ତ ରେଞ୍ଜ ଅଫିସ୍‌ରେ

ଦରଖାସ୍ତ ଦେଇପାରିବେ । ନିର୍ଧାରିତ ଫର୍ମର ନମୁନା ଓ ଏସମ୍ପର୍କିତ ସବିଶେଷ ସୂଚନା ସମ୍ପୃକ୍ତ ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ମିଳିପାରିବ ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଶିଶିର କୁମାର ରଥ ସୂଚନା ଦେଇଛନ୍ତି ।

ଛତ୍ରପୁର ନିର୍ବାଚନ ମଣ୍ଡଳୀର ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର,୧୨/୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ଛତ୍ରପୁର ନିର୍ବାଚନମଣ୍ଡଳୀର ବିଜେପି ଓ କଂଗ୍ରେସ ଦଳର ପଦାଧିକାରୀ ଓ ଶତାଧିକ କର୍ମୀ ଆଜି ବିଜୁ ଜନତା ଦଳରେ ବିଧିବଦ୍ଧ ଭାବେ ସାମିଲ୍ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ବହୁ ସରପଂଚ, ୱାର୍ଡ଼ମେମ୍ବର, ବ୍ଲକ ସଭାପତି ଓ ଜିଲ୍ଲାପରିଷଦ ପ୍ରାର୍ଥୀ ସାମିଲ ଅଛନ୍ତି । ମଙ୍ଗଳବାର ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ରହି ସମସ୍ତ କଂଗ୍ରେସ ଓ ବିଜେପି ନେତୃବୃନ୍ଦଙ୍କୁ ଦଳକୁ ସ୍ୱାଗତ କରିଥିଲେ । ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାକୁ ତଥା ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ସାଂଗଠନିକ ସମ୍ପାଦକ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ । ମିଶ୍ରଣ ପର୍ବରେ ବିଜେପି ଛତ୍ରପୁର ମଣ୍ଡଳର ପୂର୍ବତନ ସଭାପତି ବ୍ରଜମୋହନ ଆଚାର୍ଯ୍ୟ, ପୂର୍ବତନ ଗଞ୍ଜାମ ଜିଲ୍ଲା ସମ୍ପାଦକ ପି. ଧର୍ମ ରେଡ୍ଡୀ, ଗଞ୍ଜାମ ଜିଲ୍ଲା କୃଷକ ମୋର୍ଚ୍ଚାର ପୂର୍ବତନ ସାଧାରଣ ସମ୍ପାଦକ କେ. ମଗତା ପାତ୍ର, ପୂର୍ବତନ ବ୍ଲକ ସଭାପତି ତଥା ସରପଂଚ ଆର. ନରହରି ରେଡ୍ଡୀ, ଛତ୍ରପୁର ଜୋନ୍ ୧୯ର ପୂର୍ବତନ ଜିଲ୍ଲାପରିଷଦ ପ୍ରାର୍ଥୀ ଆର୍. ନମିତା ରେଡ୍ଡୀ, କାନାମନା ଗ୍ରାମପଂଚାୟତର ପୂର୍ବତନ ସରପଂଚ ବିଜୟଲକ୍ଷ୍ମୀ ବେହେରା, ଟି. ବାବୁ ରାଓ, ପୂର୍ବତନ ବିଜେପି ମଣ୍ଡଳ ସଭାପତି ବାଦଲ କୁମାର ବେହେରା, କାନାମନାର ଗ୍ରାମପଞ୍ଚାୟତର ୱାର୍ଡ଼ମେମ୍ବର ଜି. ପୁଷ୍ପା ରେଡ୍ଡୀ, କାନାମନାର ଗ୍ରାମପଂଚାୟତର ପୂର୍ବତନ ୱାର୍ଡ଼ମେମ୍ବର ଏନ୍. ଗଣେଶ ରେଡ୍ଡୀ, ବି. ବୈରାଗୀ, ମୁନା ପ୍ରଧାନ, ଭିକାରୀପାଲ୍ଲୀ ଗ୍ରାମପଂଚାୟତର ସନ୍ତୋଷ ରଥ ବିଜେଡ଼ିରେ ସାମିଲ୍ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ମଧ୍ୟ ଉପସ୍ଥିତ ଥିଲେ ।

ଏମସ୍‌ରେ ଟେଲିମେଡିସିନ୍ ସେବା ଆରମ୍ଭ

ଓପିଡିକୁ ନଆସି ଅନଲାଇନରେ ସ୍ୱାସ୍ଥ୍ୟସେବା ନେବାକୁ ପରାମର୍ଶ

ଭୁବନେଶ୍ୱର,୧୨/୧ (ନି.ପ୍ର): କୋଭିଡ୍ ମହାମାରୀ ସ୍ଥିତିରେ ହଠାତ୍ ଦ୍ରୁତ ବୃଦ୍ଧି ହେତୁ ଏମ୍‌ସ ଭୁବନେଶ୍ୱର ପକ୍ଷରୁ ସୁଗମ ତଥା ନିରାପଦ ରୋଗୀ ସେବା ନିମନ୍ତେ କୋଭିଡ୍ ଉପଯୁକ୍ତ ଆଚରଣ ଏବଂ ପ୍ରୋଟୋକଲ ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓପିଡି ଗୁଡ଼ିକରେ ରୋଗୀ ସଂଖ୍ୟା ହ୍ରାସ କରିବା ଏବଂ କରୋନା ସଂକ୍ରମଣ ଶୃଙ୍ଖଳା ଭାଙ୍ଗିବା ପାଇଁ ସମସ୍ତ ବିଭାଗକୁ "ଏମ୍‌ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ଏବଂ ଟେଲିମେଡିସିନ୍ (ହ୍ୱାଟ୍‌ସଆପ୍ କଲ୍) ସେବା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି । ପୂର୍ବରୁ ବ୍ୟବହୃତ ସମସ୍ତ ଟେଲିମେଡିସିନ୍ ନମ୍ବରଗୁଡ଼ିକ ଏବେ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି । ତେଣୁ, ରୋଗୀମାନେ ଓପିଡ଼ିକୁ ଆସିବା ପରିବର୍ତ୍ତେ ଏହି ସେବାଗୁଡ଼ିକ ମାଧ୍ୟମରେ ଅଧିକରୁ ଅଧିକ ସେବା ନେବାକୁ ଏମ୍‌ସ ଭୁବନେଶ୍ୱର ପକ୍ଷରୁ ପରାମର୍ଶ ଦିଆଯାଇଛି । ସେହିଭଳି ଏମ୍‌ସ ଭୁବନେଶ୍ୱରରେ ନୂତନ ରୋଗୀ ପଞ୍ଜିକରଣ ସଂଖ୍ୟାକୁ ପର୍ଯ୍ୟାୟକ୍ରମେ ହ୍ରାସ କରିବାକୁ ନିଷ୍ପତି ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ଜେନେରାଲ୍ ମେଡିସିନ୍, ଅର୍ଥୋପେଡିକ୍‌ସ, ଡର୍ମାଟୋଲୋଜି, ଶିଶୁ (ପେଡିଆଟ୍ରିକ୍‌ସ), ଶଲ୍ୟ ଚିକିତ୍ସା (ଜେନେରାଲ୍ ସର୍ଜରୀ), ପଲ୍‌ମୋନାରୀ ମେଡିସିନ୍, ଇଏନ୍‌ଟି, ଚକ୍ଷୁ (ଅପ୍‌ଥାମୋଲୋଜି), ଗ୍ୟାଷ୍ଟ୍ରୋଏଂଟରୋ ଲୋଜି ଭଳି ବିଭାଗରେ ଦୈନିକ ରୋଗୀ ଦେଖିବା ସଂଖ୍ୟା ଶହେ(୧୦୦)ରେ ସିମୀତ ରଖାଯାଇଛି । ତେବେ ୟୁରୋଲୋଜି, ନ୍ୟୁରୋଲୋଜି, ନେଫ୍ରୋଲୋଜି, ଏଣ୍ଡୋକ୍ରାଇନୋ ଲୋଜି, କାର୍ଡିଓ ଲୋଜି ଭଳି ବିଭାଗ ପୂର୍ବଭଳି କାର୍ଯ୍ୟ କରିବ ବୋଲି ନିଷ୍ପତି ନିଆଯାଇଛି । ଏହା ବୁଧବାର(୧୨ ଜାନୁୟାରୀ, ୨୦୨୨)ରୁ କାର୍ଯ୍ୟକାରୀ ହେବ । ଡେ-କେୟାର, ରେଡିଓଥେରାପି, ଡାୟଲିସିସ୍, ଟ୍ରମା ଏବଂ ଜରୁରୀକାଳୀନ ପରିସ୍ଥିତି, ଜରୁରୀକାଳୀନ ଜୀବନ ବଂଚାଇବା, ଟେଲି ମେଡିସିନ୍, 'ଏମ୍‌ସ ଭୁବନେଶ୍ୱର ଆପ୍, ଆଇପିଡି ସେବା, ଟୀକାକରଣ ସେବା, ପ୍ରତିରୋପଣ ସେବା, ଫୁସଫୁସ (ଟୀକାକରଣ ଆରଏମଆରସି), ଆନାସ ଥେସିଓଲୋଜି (ପିଏସି) ଏବଂ ପେନ୍ କ୍ଲିନିକ୍) ଇତ୍ୟାଦି ପୂର୍ବପରି ଜାରି ରହିବ । ରୋଗୀମାନେ ସ୍ୱାସ୍ଥ୍ୟ ସେବା ପାଇଁ ଏହାର ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରିପାରିବେ । ଏମ୍‌ରେ ଗତ କିଛି ଦିନ ହେବ କୋଭିଡ୍ ରୋଗୀଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି । ତେଣୁ ହସ୍‌ପିଟାଲକୁ ରୋଗୀମାନଙ୍କ ପାଇଁ ନିରାପଦ ତଥା ସୁସ୍ଥ ରଖିବା ପାଇଁ ଏପରି କିଛି ପଦକ୍ଷେପ ନିଆଯାଇଥିବା ଏମ୍‌ସ ଭୁବନେଶ୍ୱର ମେଡିକାଲ ଅଧୀକ୍ଷକ ପ୍ରଫେସର ଡକ୍ଟର ଏସ ଏନ ମହାନ୍ତି ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମେଡିକାଲ ଅଧୀକ୍ଷକ ଡ. ମହାନ୍ତି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । କୋଭିଡ୍ ମହାମାରୀର ପ୍ରୋଟୋକଲଗୁଡ଼ିକୁ ଅନୁସରଣ କରିବାକୁ, ଏମ୍‌ସ ଭୁବନେଶ୍ୱରର ପ୍ରବେଶ ଦ୍ୱାରରେ ସୁରକ୍ଷା କର୍ମୀମାନେ ଡବଲ୍ ଡୋଜ ଟୀକାକରଣ ପ୍ରମାଣପତ୍ର ବିଷୟରେ ପଚାରି ବୁଝିବା ସହିତ ଓପିଡିକୁ ଆସୁଥିବା ରୋଗୀଙ୍କ ସହିତ କେବଳ ଜଣେ ସହଯୋଗୀ ଡାକ୍ତରଖାନା ପରିସରକୁ ପ୍ରବେଶ କରିବାକୁ ପରାମର୍ଶ ଦିଆଯାଇଛି । ତେବେ ଜରୁରୀକାଳୀନ ପରିସ୍ଥିତିରେ ଦୁଇଜଣ ସହଯୋଗୀ ଆସିପାରିବେ ।

ଏମ୍‌ସରେ କୋଭିଡ୍ ଅପରେସନ୍ କକ୍ଷ(ଓଟି) ସହିତ ପ୍ରସବ ଓଟି ଏବଂ ଅନ୍ୟାନ୍ୟ କୋଭିଡ୍ କ୍ଷେତ୍ରଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇଛି । ସେହିଭଳି ଅଚାନକ୍ କୋଭିଡ୍ ସଂକ୍ରମିତ ହୋଇ ଗୁରୁତର ହୋଇପଡୁଥିବା ରୋଗୀଙ୍କ ପାଇଁ ସାରୀ (ଏସଏଆରଆଇ) ୱାର୍ଡ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ । କୋଭିଡ୍ ଯତ୍ନ ସମୟରେ ଏହା ଜରୁରୀକାଳୀନ ଗୁରୁତର ରୋଗୀଙ୍କୁ ବେଶ୍ ସହାୟକ ହେବ । ଭବିଷ୍ୟତରେ ଆବଶ୍ୟକତା ଉପରେ ନିର୍ଭର କରି ଧାର୍ଯ୍ୟ ସମୟର ଉପଯୁକ୍ତ ନିଷ୍ପତି ନିଆଯିବ ବୋଲି ଡକ୍ଟର ମହାନ୍ତି ସୂଚନା ଦେଇଛନ୍ତି ।

+ ପଂଚାୟତ ନିର୍ବାଚନ ଘୋଷଣା ସମ୍ବିଧାନ, + ଗଣତନ୍ତ୍ର ପ୍ରତି କୁଠାରଘାତ : କଂଗ୍ରେସ

ଭୁବନେଶ୍ୱର,୧୨/୧ (ନି.ପ୍ର): ପଂଚାୟତ ନିର୍ବାଚନ ପାଇଁ ନିର୍ବାଚନ କମିଶନର ଘୋଷଣା ଏବଂ ତତ୍‌ସଂଲଗ୍ନ ମାର୍ଗଦର୍ଶିକା ଓଡ଼ିଆ ପଂଚାୟତିରାଜ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି ଖଳନାୟକ ଭାବରେ ରାଜ୍ୟର ବିଜେଡି ସରକାର ଓ ତାଙ୍କର ବଚସ୍କର ପାଲଟିଥିବା ରାଜ୍ୟ ନିର୍ବାଚନ କମିଶନ୍ ଏହି କଳଙ୍କିତ ଅଧ୍ୟାୟର ସୂତ୍ରଧର ବୋଲି କଂଗ୍ରେସ କଟାକ୍ଷ କରିଛି । ଦେଶରେ କରୋନା ସଂକ୍ରମଣ ୧ ଲକ୍ଷ ୬୮ ହଜାର । ରାଜ୍ୟରେ ତାହା ୭୦୭୧ । ବିଶେଷଜ୍ଞମାନେ ଏହି ସଂକ୍ରମଣ ଆସନ୍ତା ଫେବୃଆରୀରେ ଶୀର୍ଷରେ ଛୁଇଁବ ବୋଲି ସତର୍କ କରାଇଛନ୍ତି । ବିଜେଡିକୁ ଛାଡ଼ି ରାଜ୍ୟର ସମସ୍ତ ବିରୋଧୀମାନେ ବର୍ତ୍ତମାନ ସମୟରେ ଏହି ସଂକ୍ରମଣକୁ ଦୃଷ୍ଟିରେ ରଖି ପଂଚାୟତ ନିର୍ବାଚନକୁ ଘୁଂଚାଇବାକୁ ଦାବି ରଖିଥିଲେ । ମାତ୍ର ନିର୍ବାଚନ କମିଶନ୍ ସେମାନଙ୍କ ଦାବିକୁ କର୍ଣ୍ଣପାତ କଲେନାହିଁ ଏବଂ ନିର୍ବାଚନ ସଂକ୍ରାନ୍ତୀୟ ବିଜ୍ଞପ୍ତି ଜାରିକଲେ । ଏହା ନିର୍ବାଚନ କମିଶନଙ୍କ ନିଜସ୍ୱ ନିଷ୍ପତି ନୁହେଁ । ରାଜ୍ୟ ସରକାରଙ୍କ ପ୍ରରୋଚନାରେ ଏହା କରିଛନ୍ତି ଯାହାକି ନିର୍ବାଚନ କମିଶନଙ୍କ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ କହିଛନ୍ତି । ରାଜ୍ୟର ୫୪ ଶତାଂଶ ଲୋକ ଓବିସି ଓ ୨୨.୫ ଶତାଂଶ ଲୋକ ଜନଜାତି ସମ୍ପ୍ରଦାୟର । ଏହି ଦୁଇ ବର୍ଗର ଜନ ସମୁଦାୟକୁ ଚଳିତ ପଂଚାୟତ ନିର୍ବାଚନାରେ ପ୍ରତାରିତ କରାଯାଇଛି । ଆଦିବାସୀମାନଙ୍କୁ ୨୩ଟି ଜିଲ୍ଲା ଓ ୧୯୫ଟି ବ୍ଲକ୍‌ରେ ସରପଂଚ ପଦବୀ ଓ ଅଧ୍ୟକ୍ଷ ପଦବୀ ପାଇଁ ସଂରକ୍ଷଣ ଦିଆଯାଇ ନାହିଁ । ଓ.ବି.ସି. ବର୍ଗଙ୍କ ପ୍ରତି ଅବିଚାର କରାଯାଇଛି । ଓ.ବି.ସି. ସଂରକ୍ଷଣ ସଂକ୍ରାନ୍ତରେ ଆସନ୍ତା ୧୭ ତାରିଖରେ ମାନ୍ୟବର ସୁପ୍ରିମ କୋର୍ଟ ଶୁଣାଣି କରିବେ । କିନ୍ତୁ ତରବରିଆ ଭାବରେ ବିଜ୍ଞପ୍ତି ଜାରି କରିବା ଦୁର୍ଭାଗ୍ୟଜନକ । କୋଭିଡ ଆଳରେ ପଂଚାୟତ ନିର୍ବାଚନ ପ୍ରକ୍ରିୟାକୁ ଅତ୍ୟନ୍ତ ସଙ୍କୁଚିତ କରାଯାଇଛି । ନିର୍ବାଚନ ପ୍ରଚାର କାର୍ଯ୍ୟକୁ ସଙ୍କୁଚିତ କରାଯାଇଛି, ଯାହାକି ତୃଣମୂଳ ସ୍ତରରେ ଲୋକଙ୍କ ଗଣତାନ୍ତ୍ରିକ ଭାଗିଦାରିତା ପ୍ରତି ଉପହାସ ବୋଲି କଂଗ୍ରେସ କହିଛି । ଆଜିର ସାମ୍ବାଦିକ ସମ୍ମିଳନୀରେ ମନୋଜ ମହାପାତ୍ର, ଚିନ୍ମୟ ଦାସ ଓ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

ରାଜ୍ୟରେ କରୋନା ବିସ୍ଫୋରଣ : ଗତ ୨୪ଘଣ୍ଟାରେ ୮୭୭୮ ଜଣ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୨/୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୮୭୭୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୭୪,୬୧୧ ନମୁନା ପରୀକ୍ଷା କରାଯାଇଥିବା ବେଳେ ୮୭୭୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫୦୯୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୩୬୮୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୭୯୨ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୬୧୫ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୦୭ ଜଣ, ବାଲେଶ୍ୱର ଜିଲ୍ଲାରୁ ୨୩୧ଜଣ, ବରଗଡ଼ରୁ ୧୩୬ ଜଣ, ଭଦ୍ରକରୁ ୧୦୩ ଜଣ, ବଲାଙ୍ଗୀରରୁ ୨୧୬ ଜଣ, ବୌଦ୍ଧରୁ ୧୨ଜଣ, କଟକରୁ ୭୬୬ଜଣ, ଦେବଗଡ଼ରୁ ୨୫ ଜଣ, ଢେଙ୍କାନାଳରୁ ୭୮ଜଣ, ଗଞ୍ଜାମରୁ ୧୦୬ଜଣ, ଗଜପତିରୁ ୭୨ଜଣ, ଜଗତସିଂହପୁରରୁ ୧୧୪ଜଣ, ଯାଜପୁରରୁ ୧୯୧ ଜଣ, ଝାରସୁଗୁଡ଼ାରୁ ୨୦୩ଜଣ, କଳାହାଣ୍ଡିରୁ ୮୬ ଜଣ, କନ୍ଧମାଳରୁ ୨୦ଜଣ, କେନ୍ଦ୍ରାପଡ଼ାରୁ ୪୬ଜଣ, କେନ୍ଦୁଝରରୁ ୯୫ଜଣ, ଖୋର୍ଦ୍ଧାରୁ ୨୬୧୫ ଜଣ, କୋରାପୁଟରୁ ୧୬୧ ଜଣ, ମାଲକାନଗିରିରୁ ୧୨ ଜଣ, ମୟୂରଭଞ୍ଜରୁ ୩୩୮ ଜଣ, ନବରଙ୍ଗପୁରରୁ ୧୧୨ ଜଣ, ନୟାଗଡ଼ରୁ ୭୫ ଜଣ, ନୂଆପଡ଼ାରୁ ୬୭ ଜଣ, ପୁରୀରୁ ୨୧୬ ଜଣ, ରାୟଗଡ଼ାରୁ ୬୫ ଜଣ, ସମ୍ବଲପୁରରୁ ୫୯୬୬ ଜଣ, ସୋନପୁରରୁ ୮୭ଜଣ, ସୁନ୍ଦରଗଡ଼ରୁ ୧୨୫୨ ଜଣ ଓ ଷ୍ଟେଟ ପୁଲରୁ ୫୭୫ ଜଣ



କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୯୧ ହଜାର ୫୪୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ଭିତରୁ ୧୦ ଲକ୍ଷ ୪୭ ହଜାର ୭୮୩ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୩୫ହଜାର ୨୪୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି । କେବଳ ଜାନୁଆରି ମାସର ୧୨ଦିନରେ ଚିହ୍ନଟ ହେଲେଣି ୩୬୭୧୪ ସଂକ୍ରମିତ । ଗତକାଲି ତୁଳନାରେ ୧୭୦୭ ମାମଲା ବୃଦ୍ଧି ହୋଇଛି ।

ରାଜ୍ୟରେ ବୃହତ ପୁଞ୍ଜିନିବେଶ ଓ ଭିତ୍ତିଭୂମି ପ୍ରକଳ୍ପରେ ଉଲ୍ଲେଖନୀୟ ଅଗ୍ରଗତି

ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୨/୧ (ନି.ପ୍ର): ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବଡ଼ ବଡ଼ ଭିତିଭୂମି ବିକାଶ ଏବଂ ପୁଞ୍ଜିନିବେଶ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ପୁଞ୍ଜିନିବେଶ ପ୍ରକଳ୍ପ ତଦାରଖ ଗ୍ରୁପ୍ (ସିସିଆଇପିଏମଜି) ବୈଠ

ସ୍ୱାମୀ ବିବେକାନନ୍ଦ ଭେଦଭାବମୁକ୍ତ ଏବଂ ଆତ୍ମନିର୍ଭର ଭାରତର ସ୍ୱପ୍ନ ଦେଖିଥିଲେ

ଜାତୀୟ ଯୁବ ଦିବସ ଅବସରରେ ଆରଓବି ଓ ପିଆଇବି ଭୁବନେଶ୍ୱର, ମିଳିତ ଭାବରେ ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନର ଭାରତ ସମ୍ପର୍କିତ ଏକ ୱେବିନାର ଆୟୋଜିତ

ଭୁବନେଶ୍ୱର,୧୨/୦୧(ନି.ପ୍ର): ସ୍ୱାମୀ ବିବେକାନନ୍ଦ ସର୍ବଦା ଏକ ଭେଦଭାବମୁକ୍ତ ଭାରତର ସ୍ୱପ୍ନ ଦେଖିଥିଲେ। ଭାରତ ଯାହାକି ଆତ୍ମନିର୍ଭର ହୋଇଥିବ, ଭାରତ ଯେଉଁଠାରେ ମହିଳାମାନେ ସଶକ୍ତ ହୋଇଥିବେ। ''ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନର ଭାରତ'' ସମ୍ପର୍କିତ ୱେବିନାରରେ ବିଶେଷଜ୍ଞମାନେ ଏହି ମତ ପ୍ରକାଶ କରିଛନ୍ତି। ଏହି ୱେବିନାରକୁ ଜାତୀୟ ଯୁବ ଦିବସ ଅବସରରେ ଯୁଗ୍ମ ଭାବରେ ରିଜିଓନାଲ୍ ଆଉଟରିଚ୍ ବ୍ୟୁରୋ (ଆରଓବି) ଓ ପ୍ରେସ୍ ଇନ୍ଫରମେସନ ବ୍ୟୁରୋ (ପିଆଇବି), ଭୁବନେଶ୍ୱର ଦ୍ୱାରା ଆୟୋଜନ କରାଯାଇଛି। ଅନଲାଇନ୍ ଆଲୋଚନାକୁ ଆରମ୍ଭ କରି ଆରଓବି ଭୁବନେଶ୍ୱରର



ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର କହିଛନ୍ତି ଯେ ଯଦି ଆମେ ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନର ଭାରତ ପ୍ରସ୍ତୁତ କରିବାକୁ ଚାହୁଁ ତେବେ ଆମକୁ ଆମର ଆତ୍ମାର ସ୍ୱରକୁ ଶୁଣିବାକୁ ହେବ, ଏହା ଉପରେ ବିଶ୍ୱାସ ରଖିବାକୁ ହେବ, ବାହ୍ୟ ଚାକଚକ୍ୟରେ ନିଜକୁ ବିଚଳିତ ନକରି ସର୍ବଦା ଆମର ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ହେବ। ଏହି ଅବସରରେ ପିଏମ୍ ଯୁବା ମେଣ୍ଟରସିପ୍ ପୁରସ୍କାର ବିଜେତା ଶ୍ରୀ ଦିଲେଶ୍ୱର ରଣା କହିଛନ୍ତି ଯେ ସ୍ୱାମୀଜୀ ସର୍ବଦା ଯୁବକ ମାନଙ୍କର ଚରିତ୍ରର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ। ''ସେ ଏପରି ଏକ ଭାରତର ପରିକଳ୍ପନା କରୁଥିଲେ ଯେଉଁଠାରେ ସଭିଏଁ ସମାନ ସୁବିଧା ହାସଲ କରିବେ ଓ କୌଣସି ଭେଦଭାବ ନଥିବ। ସେ ଦେଶର ମହିଳା ଓ ଯୁବକମାନଙ୍କର ସଶକ୍ତିକରଣ ଉପରେ ଧ୍ୟାନ ପ୍ରଦାନ କରିଥିଲେ। ସ୍ୱାମୀ ବିବେକାନନ୍ଦ ଏକ ଆତ୍ମନିର୍ଭର ଭାରତର ପରିକଳ୍ପନା କରିଥିଲେ ଓ ଭାରତ ବର୍ତ୍ତମାନ ଏହି ଦିଗରେ ଅଗ୍ରସର ହେଉଛି'' ବୋଲି ଶ୍ରୀଯୁକ୍ତ ରଣା କହିଛନ୍ତି। ଏହି ଆଲୋଚନାରେ ଅଂଶଗ୍ରହଣ କରି ଯୁବ କବି ଶ୍ରୀ ପ୍ରଶାନ୍ତ ଦାସ କହିଛନ୍ତି ଯେ ବିବେକାନନ୍ଦଙ୍କ ଶିକ୍ଷା ମାନବତା ଓ ଆଧ୍ୟାତ୍ମିକତା ଉପରେ ପର୍ଯ୍ୟବେସିତ। ''ଯଦି କେହି ଭାରତ, ଏହାର ଇତିହାସ, ଭୁଗୋଳ, ସଂସ୍କୃତି ଓ ଐତିହ୍ୟ ବିଷୟରେ ଜାଣିବାକୁ ଚାହେଁ ତେବେ ସେ ସ୍ୱାମୀ ବିବେକାନନ୍ଦଙ୍କୁ ବୁଝିବା ସହିତ ତାଙ୍କର ପୁସ୍ତକ ପଢ଼ିବା ଉଚିତ୍। ସେ ଏକ ସ୍ୱର୍ଣ୍ଣିମ ଓ ସମୃଦ୍ଧ ଭାରତର ସ୍ୱପ୍ନ ଦେଖିଥିଲେ'' ବୋଲି କହିଛନ୍ତି ଶ୍ରୀ ଦାସ। ଶ୍ରୀ ସିପୁନୁ ଜେନା, ଜଣେ ପ୍ରତିଭାବାନ ଲେଖକ ଆଜିର ଯୁବ ପୀଢ଼ି ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହାର ସମାଧାନ ପାଇଁ ସେ ସ୍ୱାମୀ ବିବେକାନନ୍ଦଙ୍କର ଚିନ୍ତାଧାରାକୁ ଉଲ୍ଲେଖ କରିଛନ୍ତି। ''ଆଜିର ଯୁବ ପୀଢ଼ି ଅନେକ ଭାଗରେ ବିଭକ୍ତ ହୋଇଛନ୍ତି ଓ ସେମାନଙ୍କର ଭିନ୍ନ ଭିନ୍ନ ଚିନ୍ତାଧାରା ରହିଛି। ସ୍ୱାମୀ ବିବେକାନନ୍ଦଙ୍କର ସ୍ୱପ୍ନର ଭାରତ ସୃଷ୍ଟି କରିବାକୁ ହେଲେ ସେମାନଙ୍କୁ ଏକତ୍ରିତ କରିବାକୁ ହେବ'' ବୋଲି ଶ୍ରୀ ଜେନା କହିଛନ୍ତି। ଏହି ୱେବିନାରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସମସ୍ତ ମିଡିଆ ୟୁନିଟର କର୍ମଚାରୀମାନେ ତଥା ଛାତ୍ର, ଲେଖକ ଓ ସାମ୍ବାଦିକ ମାନେ ଅଂଶଗ୍ରହଣ କରିଥିଲେ।

ଅସାମାଜିକ ବ୍ୟକ୍ତି ଲଗାଇଦେଲେ ନିଆଁ

ନୀଳଗିରି, ୧୨/୦୧ (ନି.ପ୍ର): ଖାଇପିଇ ଶୋଇଥିବା ବେଳେ ରାତି ପ୍ରାୟ ୧୦.୩୦ମି. ଅସାମଜିକ ବ୍ୟକ୍ତି ଘରେ ନିଆଁ ଲଗାଇ ଦେବାରୁ ଘରେ ଥିବା ଲକ୍ଷାଧିକ ଟଙ୍କାର ସଂପତି ନଷ୍ଟ ହୋଇଥିବା ବେଳେ ଏକ ବଳଦର ମୃତ୍ୟୁ ହୋଇଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ନୀଳଗିରି ଥାନା ଅଧିନସ୍ଥ ଦକ୍ଷିଣ ନରସିଂହପୁର ଗ୍ରା:ପ: ର ପଦାଗାଁ ବାଇଗଡ଼ିଆ ଗ୍ରାମର ହରି ସିଂ ଗତ ମଙ୍ଗଳବାର ରାତିରେ ଖାଇପିଇ ଶୋଇଥିବା ବେଳେ କେହି ଅସାମାଜିକ ବ୍ୟକ୍ତି ଘରେ ନିଆଁ ଲଗାଇ ଦେବାରୁ ୧ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ନୀଳଗିରି ଦମକଳ ବାହିନୀ ପହଂଚି ନିଆଁକୁ ଆୟତ କରିଥିବା ବେଳେ ହରି ସିଂ ଏନେଇ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

ଏ.ବି.ଭି.ପି. ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

ନୀଳଗିରି, ୧୨/୦୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନୀଳଗିରି ନଗର ତରଫରୁ ଯୁବ ସମାଜର ପ୍ରେରଣାର ଉତ୍ସ ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ୧୫୯ତମ ଜୟନ୍ତୀ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଅଂଚଳରୁ ବିଦ୍ୟାର୍ଥୀମାନେ ଆସିଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନଗର ସଂପାଦକ ଜ୍ୟୋତିପ୍ରକାଶ ବାରିକ, ସାଇସତ୍ୟ ପ୍ରଧାନ, ଭବାନୀ ଶଙ୍କର ବେହେରା, ନିରଂଜନ ଜେନା, ମନରଂଜନ ପ୍ରଧାନ, ଦେବାଶିଷ ସାହୁ, ସୁରେଶ କୁମାର ବେହେରା, ମାନସ ବାରିକ, ଅଂଶୁମାନ ଜେନା, ଲକ୍ଷ୍ମୀକାନ୍ତ ରାଉତ, ଜଗଦିଶ ଟୁଡୁ, ସୁଜିତସ, ସତ୍ୟପ୍ରକାଶ ଦଳେଇ ଓ ଅନ୍ୟ ସଦସ୍ୟମାନେ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଏବିଭିପି ର ନୀଳଗିରି ନଗର ପୂର୍ବତନ ନଗର ସଂପାଦକ ଗୋପିବଲ୍ଲଭ ରାଉତ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୧ ଗିରଫ

ଭୁବନେଶ୍ୱର, ୧୨/୦୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୧ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୭୩୩ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୩,୮୩,୦୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

ରାଜ୍ୟ ରେଡକ୍ରସ ତରଫରୁ ଜିଲ୍ଲା ଶାଖା କମିଟିକୁ କିଟ୍ସ ପ୍ରଦାନ

ବାଲେଶ୍ୱର, ୧୨/୦୧ (ନି.ପ୍ର): କରୋନା ମହାମାରୀ ଓମିକ୍ରନ ଏବଂ ସମ୍ଭାବ୍ୟ ଡେଲଟାକନ୍ କୁ ମୁକାବିଲା କରିବା ନିମନ୍ତେ ସମସ୍ତ ବିପର୍ଯ୍ୟ ରେ ଉପସ୍ଥିତ ରହି ପରିସ୍ଥିତି କୁ ସାମ୍ଭା କରିବା ଭଳି ସଚେତନତା ସୃଷ୍ଟି କରୁଥିବା ରେଡକ୍ରସ ସ୍ୱେଚ୍ଛାସେବୀ ମାନେ ଜନସାଧାରଣ ସଚେତନ ନିମନ୍ତେ ଭାରତୀୟ ରେଡକ୍ରସ ସୋସାଇଟି ରାଜ୍ୟ ଶାଖାର ଅବୈତନିକ ସମ୍ପାଦିକା ମିସ୍ ସି ଟି ଏମ ସୁଗୁନାଙ୍କ ନିର୍ଦ୍ଦେଶ ମତେ ରେଡକ୍ରସ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସଂଯୋଜକ ଅକ୍ଷୟ କୁମାର ଦାସ ଏବଂ ସହଯୋଗୀ ମାନେ ଜିଲ୍ଲା ରେଡକ୍ରସ କମିଟିକୁ ଏକ ହଜାର କିଟ୍ସ ପ୍ରଦାନ କରିଛନ୍ତି। ଜିଲ୍ଲା ରେଡକ୍ରସ ଶାଖା ତରଫରୁ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ଗଣେଶ୍ୱର ରାଉତ, ବିପର୍ଯ୍ୟୟ ପ୍ରଶମନ ସବ କମିଟି ଆବାହକ କମଳ ଲୋଚନ ଦାସ, ପରିଚାଳନା କମିଟି ସଦସ୍ୟା ପ୍ରଶାନ୍ତି ପଣ୍ଡା କିଟ୍ ଗୁଡ଼ିକ ଗ୍ରହଣ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ ଓ ତହସିଲ ପ୍ରଶାସନଙ୍କ ସହଯୋଗରେ ସଚେତନତା କ୍ୟାମ୍ପ କରି ସମସ୍ତ ବ୍ଲକରେ ରେଡକ୍ରସ ସଦସ୍ୟ ମାନଙ୍କ ଦ୍ୱାରା ଏକ ହଜାର କିଟ୍ସ ଗୁଡିକ ସମାନୁପାତିକ ବଣ୍ଟନ କରାଯିବ ବୋଲି କାର୍ଯ୍ୟକାରୀ ସମ୍ପାଦକ ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

ଦିବଂଗତ ଜିଲ୍ଲା ପରିଷଦ ସଭ୍ୟଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୧୨/୦୧ (ନି.ପ୍ର): ଆଜି ବାଲେଶ୍ୱର ସଦର ବିଜେପି କାର୍ଯ୍ୟାଳୟରେ ବାଲେଶ୍ୱର ବିଜେପିର ସୁଯୋଗ୍ୟ ତଥା ରେମୁଣା ନିର୍ବାଚନ ମଣ୍ଡଳୀର ଟାଣୁଆ ନେତା ଭାବେ ପକ୍ଷ ରଖୁଥିବା ଦିବଂଗତ ୨୭ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ସୁଧାଂଶୁ ଶେଖର ପଣ୍ଡା (କୁନୁ ନନା)ଙ୍କ ସସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ ସୁଧାଂଶୁ ଶେଖର ପଣ୍ଡାଙ୍କ ବିୟୋଗ ଭାରତୀୟ ଜନତା ପାର୍ଟି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ସ୍ୱର୍ଗତ ପଣ୍ଡା ଜଣେ ବନ୍ଧୁବତ୍ସଳ, ଜନସେବା ବ୍ରତୀ ତଥା ମାଟି ସହ ଜଡ଼ି ହୋଇଥିବା ନେତା ଥିଲେ। ସବୁବେଳେ କାର୍ଯ୍ୟକର୍ତ୍ତା ମାନଙ୍କୁ ସାହସୀ ହେବା ପାଇଁ କହିବା ସହିତ ପରୋପକାରୀ ହେବା ପାଇଁ ପ୍ରେରଣା ଦେଉଥିଲେ। ଅନ୍ୟକୁ ସୁସ୍ୱାଦୁ ଖାଦ୍ୟ ଖୁଆଇବାରେ ଆନନ୍ଦ ପାଉଥିଲେ। ସବୁକଥାକୁ ସ୍ପଷ୍ଟ ଭାବରେ ରଖିବାର ସାହସ ରଖୁଥିଲେ। ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ ଦତ୍ତ ସ୍ୱର୍ଗତ୍ ପଣ୍ଡାଙ୍କୁ ଅଗ୍ନୀ ସ୍କୁଲିଙ୍ଗ ବୋଲି ଅଭିହିତ କହିଥିଲେ। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ଉପସ୍ଥିତ ନେତୃବୃନ୍ଦ ସ୍ୱର୍ଗତ ପଣ୍ଡାଙ୍କର ତୈଳ୍ୟ ଚିତ୍ରରେ ପୁଷ୍ପାର୍ଘ ଅର୍ପଣ କରି ଅମର ଆତ୍ମାର ସଦ୍‌ଗତି ପାଇଁ କାମନା କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ।

ଗୋଟିଏ ଦିନରେ ୮୭୭୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୨/୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୭୭୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୯୧୫୪୭ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୯୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୭ ହଜାର ୭୮୩ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୫୨୪୨ ରହିଛି। ଆଜି ଚିହ୍ନଟ ହୋଇଥିବା ୮୭୭୮ ଜଣଙ୍କ ମଧ୍ୟରୁ ୫୦୯୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୬୮୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୬୧୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୦୭, ବାଲେଶ୍ୱର ଜିଲ୍ଲାରୁ ୨୩୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୧୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୦୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲାରୁ ୨୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୨, କଟକରୁ ୭୬୬ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରୁ ୭୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତି ଜିଲ୍ଲାରୁ ୭୨, ଗଂଜାମ ଜିଲ୍ଲାରେ ୧୦୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୧୪, ଯାଜପୁରରୁ ୧୯୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ୨୦୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୮୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତା କନ୍ଧମାଳ ଜିଲ୍ଲାରୁ ୨୦ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୪୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦୁଝରରୁ ୯୫ , ଖୋର୍ଦ୍ଧାରୁ ୨୬୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରୁ ୧୬୧ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୩୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୟାଗଡ ଜିଲ୍ଲାରୁ ୭୫ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୬୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ଜିଲ୍ଲାରୁ ୨୧୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୬୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ବଲପୁରରୁ ୫୯୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୮୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧୨୫୧, ଷ୍ଟେଟ୍ ପୁଲରୁ ୫୭୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ଦିଲ୍ଲୀ ବିଧାନସଭା ଅଧ୍ୟକ୍ଷ ରାମନିବାସ ଗୋୟଲ କରୋନା ସଂକ୍ରମିତ

ନୂଆଦିଲ୍ଲୀ, ୧୨/୦୧ (ନି.ପ୍ର): ଦିଲ୍ଲୀ ବିଧାନସଭା ଅଧ୍ୟକ୍ଷ ରାମନିବାସ ଗୋୟଲ ମଧ୍ୟ କରୋନାର କବ୍‌ଜାରେ ଆସିଛନ୍ତି। ଏହି ସୂଚନା ନିଜେ ସେ ବୁଧବାର ଦିନ ଟ୍ୱିଟ୍ କରିଛନ୍ତି। ଗୋୟଲ କହିଛନ୍ତି ଯେ ତାଙ୍କ କୋଭିଡ୍ ରିପୋର୍ଟ ପଜିଟିଭ୍ ଆସିଛି। ତାଙ୍କୁ କରୋନାର ହାଲ୍‌କା ଲକ୍ଷଣ ଅଛି। ସେ ଘରେ ଆଇସୋଲେଟ ଅଛନ୍ତି। ସେ କହିଛନ୍ତି ଯେ ଯେଉଁ ଲୋକ ଗତ ଦିନରେ ତାଙ୍କ ସମ୍ପର୍କରେ ଆସିଛନ୍ତି, ସେମାନେ କୋଭିଡ୍ ଟେଷ୍ଟ କରିପାରନ୍ତି। ଗୋୟଲ ଶାହଦରା ସିଟ୍‌ରୁ ବିଧାୟକ ଅଛନ୍ତି।

ଲତା ମଙ୍ଗେଶକରଙ୍କ ସ୍ୱାସ୍ଥ୍ୟରେ ଉନ୍ନତି

ମୁମ୍ବାଇ, ୧୨/୦୧ (ନି.ପ୍ର): ଭାରତ ରତ୍ନ ଲତା ମଙ୍ଗେଶକରଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ହେଉଛି। କିନ୍ତୁ ତାଙ୍କୁ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ବ୍ରିଚ୍‌କ୍ୟାଣ୍ଡି ହସ୍ପିଟାଲ୍‌ରେ ରହିବାକୁ ପଡ଼ିବ। ବ୍ରିଚ୍‌କ୍ୟାଣ୍ଡି ହସ୍ପିଟାଲ୍‌ର ମେଡ଼ିକାଲ୍ ଟିମ୍‌ର ମୁଖ୍ୟ ଡା. ପ୍ରତୀତ ସମଦାନୀ ବୁଧବାର ଦିନ ସାମ୍ବାଦିକଙ୍କୁ କହିଛନ୍ତି ଯେ ଲତା ମଙ୍ଗେଶକରଙ୍କୁ କରୋନା ସହ ନିମୋନିଆ ମଧ୍ୟ ହୋଇଛି। ଏହି କାରଣରୁ ତାଙ୍କୁ ହସ୍ପିଟାଲରେ ଆଇସିୟୁରେ ରଖାଯାଇଛି। ଡା. ପ୍ରତୀତ ସମଦାନୀ ଆହୁରି କହିଛନ୍ତି ଯେ ଲତା ମଙ୍ଗେଶକରଙ୍କୁ କରୋନା ହେବାପରେ ଶନିବାର ଦିନ ରାତିରେ ବ୍ରିଚକ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ଲତା ମଙ୍ଗେଶକରଙ୍କୁ ନିମୋନିଆ ହେବାର ମଧ୍ୟ ଜଣାଯାଇଥିଲା। ଲତାଙ୍କ ବୟସ ୯୨ ବର୍ଷ ହେବା କାରଣୁ ତାଙ୍କୁ ଆଇସିୟୁରେ ରଖାଯାଇଛି ଏବଂ ଚିକିତ୍ସା ଜାରି ଅଛି। ତାଙ୍କୁ ଅକ୍ସିଜେନ୍ ଲଗାଯାଇ ନାହିଁ ଏବଂ ବର୍ତମାନ ଭେଂଟିଲେଟରର ଆବଶ୍ୟକତା ନାହିଁ। ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ସୁଧାର ହେଉଛି।

ମିହିର ଦାସଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୧୨/୦୧ (ନି.ପ୍ର): ବର୍ଷୀୟାନ ଅଭିନେତା ମହିର ଦାସଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ କାର୍ଯାଳୟ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଚି। ନିଜ ଅଭିନୟ ଯାଦୁରେ ମିହିର ଦାସ ଅନେକ ଦର୍ଶକଙ୍କ ହୃଦୟ ଜିତିଥିଲେ। ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି ପ୍ରଧାନମନ୍ତ୍ରୀ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଟିକେଟ ପାଇଁ ଦୁଇ ଗୋଷ୍ଠୀ....

ନିର୍ବାଚନକୁ ହାତ ଗଣତି ଦିନ ଥିବା ବେଳେ କରଞ୍ଜିଆ ବିଜେଡିର ଗୋଷ୍ଠୀ କନ୍ଦଳକୁ ନେଇ ଚର୍ଚ୍ଚା ବଢିଛି। ପୂର୍ବରୁ ଆଠଗଡରେ ଆଉ ଏବେ କରଞ୍ଜିଆରେ ଦଳୀୟ କର୍ମୀଙ୍କ ମଧ୍ୟରେ କନ୍ଦଳ ଦଳର ନେତୃତ୍ୱଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ରବିବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ହାତାହାତି ପରେ ସୋମବାର ଏହାର ସମାଧାନ କରିବାକୁ ବିଧାୟିକାଙ୍କ ସମର୍ଥକ, ବ୍ଲକ ଅଧ୍ୟକ୍ଷଙ୍କୁ ଭେଟିବାକୁ ଯାଇଥିଲେ। ତେବେ ବ୍ଲକ ପରିସରରେ ପୁଣି ଉଭୟ ଗୋଷ୍ଠୀ ହାତାହାତି ହୋଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷଙ୍କ ଜଣେ ସମର୍ଥକ ଆହତ ହୋଇଛନ୍ତି। ସେପଟେ ବିଧାୟିକାଙ୍କ ସମର୍ଥକ ବ୍ଲକ ଅଧ୍ୟକ୍ଷଙ୍କ ଗାଡିକୁ ଅଟକାଇ ଭଙ୍ଗାରୁଜା କରିବା ପାଇଁ ଉଦ୍ୟମ କରୁଥିବା ଭିଡିଓ ମଧ୍ୟ ସାମ୍ନାକୁ

ବାଲେଶ୍ୱର, ଗୁରୁବାର, ୧୩ ଜାନୁଆରୀ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ସେଂଟ ଜନ୍ ଆମ୍ବୁଲାନ୍ସର ରକ୍ତଦାନ କାର୍ଯ୍ୟକ୍ରମ

ପୁରୀ,୧୨/୦୧ (ନି.ପ୍ର): କେବଳ ରକ୍ତଦାନ ନୁହେଁ, ଖୁବ ଶୀଘ୍ର ସେଂଟ ଜନ୍ ଆମ୍ବୁଲାନ୍ସ ଜଗନ୍ନାଥ ଧାମ ପୁରୀ ପକ୍ଷରୁ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକ୍ ରେ ଫାଷ୍ଟଏଡ୍ ଟ୍ରେନିଂ କାର୍ଯ୍ୟକ୍ରମ, ଜିଲ୍ଲା ପ୍ରଶାସନ ସହଯୋଗରେ କରାଯିବ ବୋଲି କହିଛନ୍ତି, ଆମ୍ବୁଲାନ୍ସ ର ରାଜ୍ୟ ସଂପାଦକ ସନତ୍ କୁମାର ପଟ୍ଟନାୟକ । ସେଂଟ ଜନ୍ ଆମ୍ବୁଲାନ୍ସ ଜଗନ୍ନାଥ ଧାମ ପୁରୀ ପକ୍ଷରୁ ଜାତୀୟ ଯୁବ ଦିବସ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ରକ୍ତଦାନ କାର୍ଯ୍ୟକ୍ରମ କୁ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ,ଉପ ଜିଲ୍ଲାପାଳ ଭବତାରଣ ସାହୁ ଓ ମହାବିଦ୍ୟାଳୟ ର ଅଧକ୍ଷ ଡାକ୍ତର ସୁଦର୍ଶନ ବେହେରାଙ୍କ ସହ ମିଳିତ ଉଦଘାଟନ କରି ସଂପାଦକ ଶ୍ରୀ ପଟ୍ଟନାୟକ, ପୁରୀ ର ବିଭିନ୍ନ ଅନୁଷ୍ଠାନ ର ପ୍ରତ୍ୟକ୍ଷ ଉପସ୍ଥିତି ରେ ଏଭଳି ସେବା,ଅନ୍ୟ ଜିଲ୍ଲା ପାଇଁ ଆଦର୍ଶ ହେବେ ବୋଲି ମତବ୍ୟକ୍ତ କରିଥିଲେ । ଆମ୍ବୁଲାନ୍ସ ର ଯୁଗ୍ମ ସଂପାଦକ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ରେ ୭୬ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।ଏହି ଅବସରରେ ୬୪ ବର୍ଷ ବୟସରେ ୧୦୭ ଥର ରକ୍ତଦାନ କରି ରେକର୍ଡ କରିଥିବା ବଦ୍ରି ମିଶ୍ର, ମାନବିକତା ପ୍ରଦର୍ଶନ କରି ପର୍ଯ୍ୟଟକ ଙ୍କୁ ଅର୍ଥ ଫେରାଇଥିବା ଅଟୋ ଚାଳକ ଶ୍ରବଣ କୁମାର ପ୍ରଧାନ, ଅନିରୁଦ୍ଧ ସାମନ୍ତରାୟ ଙ୍କ ସମେତ ରକ୍ତଦାତାମାନଙ୍କୁ ଅତିଥିମାନେ ସମ୍ମାନିତ କରି ପ୍ରଶଂସାପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚକ୍ରଧର ମହାପାତ୍ର, ଜୟନ୍ତୀ ମହାପାତ୍ର, ଅଭିମନ୍ୟୁ ଭୂୟାଁ, ଡାକ୍ତର ଦେବ ଦାଶ,ଷ୍ଟାଲିନ୍ ପରିଜା, ବିଭୁପ୍ରସାଦ ସାହୁଙ୍କ ପରିଚାଳିତ ଏହି ଶିବିର ଆୟୋଜନ ରେ ସାଗରିକା ରଥ,ଅଜୟ ପ୍ରଧାନ,ଦୀପକ ପାତ୍ର,ନିଲା ଭାଇ ହୃଷିକେଶ ପ୍ରଧାନ, ଶାନ୍ତିଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ । କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସେଂଟ ଜନ୍ ଆମ୍ବୁଲାନ୍ସ ସେବା ଉପରେ ଆଲୋଚନା କରାଯାଇଥିଲା । ସେଂଟଜନ୍ ଆମ୍ବୁଲାନ୍ସ ର ସମ୍ପାଦକ ତଥା କମିଶନର ଡସନତ ପଟ୍ଟନାୟକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏକଲ ଅଭିଯାନ ଖଇରା ସଂଚର ବାର୍ଷିକ ଉତ୍ସବ ପାଳିତ

ଉଦଳା, ୧୨/୦୧ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନ ବାଲେଶ୍ୱର ଜିଲ୍ଲା ଖଇରା ସଂଚର ଏକଲ ସପ୍ତାହ ପାଳନ ଅବସରରେ ସଂଚ ପ୍ରତିଯୋଗିତା ଓ ବାର୍ଷିକ ଉତ୍ସବ ଜାନୁଆରି ୧୧ ତାରିଖ ମଙ୍ଗଳବାର ଦିନ ଗୋଟିଏ ମଞ୍ଚରେ ପାଳିତ ହୋଇ ଯାଇଛି । ଏହି ଅବସରରେ କୁପାରି ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ସଂଚ ଅଧିନରେ ଥିବା ୩୦ଟି ବିଦ୍ୟାଳୟର ଚାଚାର୍ଯ୍ୟ / ଆଚାର୍ଯ୍ୟା ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଦେଶାତ୍ମ ବୋଧକ ସଂଗୀତ, ମନ୍ତ୍ର ଶ୍ଳୋକ ଆବୃତ୍ତି, ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଏକଲ ଅଭିଯାନ ବାରିପଦା ଅଞ୍ଚଳର ସଂପାଦକ ସୁବ୍ରତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦେଶ ଗଠନରେ ଏକଲ ଅଭିଯାନର ଭୁମିକା ସଂମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଭାଗ ଗ୍ରାମସ୍ୱାରାଜ ପ୍ରମୁଖ ବେଣୁଧର କଣ୍ଟାବାଉଁଶିଆ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଖଇରା ସଂଚର ଆଚାର୍ଯ୍ୟ / ଆଚାର୍ଯ୍ୟା ମାନଙ୍କର ଉଦ୍ୟମ ପ୍ରଶଂସନୀୟ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଖଇରା ସଂଚର ସଭାପତି ଗୋଲକ ପ୍ରସାଦ ନାୟକ, କୋଷାଧକ୍ଷ ଡ଼ମ୍ବୁରୁଧର ମହାନ୍ତି, ଶିକ୍ଷା ପ୍ରମୁଖ ରବିନ୍ଦ୍ର ନାଥ ନାୟକ, ସମିତି ସଦସ୍ୟ ସତ୍ୟ ନାରାୟଣ ବେହେରା, ମହିଳା ପ୍ରମୁଖ ବାସନ୍ତି ପଣ୍ଡା, ତୁଳସୀ ବିଶ୍ୱାଳ, ରବିନ୍ଦ୍ର ଦାସ, ସୁରେନ୍ଦ୍ର ରାଉଳ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଚ ପ୍ରମୁଖ ଗିତାପ୍ରଭାସିନି ପାଢ଼ୀ ମଞ୍ଚ ପରିଚାଳନା କରିବା ସହିତ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ମାଳତୀ ମହାନ୍ତି, ମଧୁସ୍ମିତା ନାୟକ, ସ୍ୱୟଂପ୍ରଭା ଖଟୁଆ, ଜ୍ୟୋତ୍ସ୍ନାରାଣୀ ପୃଷ୍ଟି, ରସ୍ମିତା ପାତ୍ର,କମଳା ପାଣିଗ୍ରାହୀ, କନକଲତା ବିଶ୍ୱାଳ, କାଜଲ ଜେନା ସହଯୋଗ କରିଥିଲେ ।

ଦିଲ୍ଲୀ ପୋଲିସ୍ କମିଶନରର ଓଏସଡି ସମେତ ୧୭୦୦ ପୋଲିସ୍‌କର୍ମୀ କରୋନା ସଂକ୍ରମିତ

ନୂଆଦିଲ୍ଲୀ, ୧୨/୦୧ (ନି.ପ୍ର): ରାଜଧାନୀରେ କରୋନା ଭାଇରସ୍‌ର ପ୍ରକୋପ ଦିଲ୍ଲୀ ପୋଲିସ୍ କମିଶନରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଂଚିଯାଇଛି । ତାଙ୍କର ଓଏସ୍‌ଡି ଏବଂ ପ୍ରବକ୍ତା ମଧ୍ୟ କରୋନା ଭାଇରସ୍‌ରେ ସଂକ୍ରମିତ ହୋଇଛନ୍ତି । ତେବେ ସେ ଘରେ ଆଇସୋଲେସନରେ ଅଛନ୍ତି । ତାଙ୍କ ବ୍ୟତୀତ ପାଖାପାଖି ୧୭୦୦ ପୋଲିସ୍ କର୍ମୀ କରୋନା ଭାଇରସ୍‌ରେ ସଂକ୍ରମିତ ହୋଇଛନ୍ତି । ଅଧିକାଂଶ ପୋଲିସ୍ କର୍ମୀ ରେ ରହି ନିଜର ଚିକିତ୍ସା କରୁଛନ୍ତି । ଦିଲ୍ଲୀରେ କରୋନା ଭାଇରସର ସଂକ୍ରମଣ କ୍ଷୀପ୍ର ଗତିରେ ବଢ଼ିଛି । ରାଜଧାନୀରେ ସଂକ୍ରମଣ ରେଟ୍ ୨୫ ପ୍ରତିଶତରୁ ଅଧିକ ହୋଇଛି । ଏହି ଅବସ୍ଥାରେ ମଧ୍ୟ ଦିଲ୍ଲୀ ପୋଲିସ୍‌ର ଜବାନ ଲଗାତାର ଡ୍ୟୁଟି କରୁଛନ୍ତି । ରାତ୍ରୀ କର୍ଫ୍ୟୁକୁ ନେଇ ସାପ୍ତାହିକ କର୍ଫ୍ୟୁର ପାଳନ କରିବାରେ ପୋଲିସ୍‌କର୍ମୀ ଲଗାତାର ଯୋଡ଼ିଛନ୍ତି । ଏମିତିରେ ସେ ସ୍ୱୟଂ କରୋନାର କବ୍‌ଜାରେ ଆସି ସଂକ୍ରମିତ ହୋଇଛନ୍ତି ।

ଜିଲ୍ଲା ନାର୍ବାଡ ଅଧିକାରୀଙ୍କ ସହିତ ଖଦିବୋର୍ଡ ସଭାପତିଙ୍କ ଆଲୋଚନା

କେନ୍ଦ୍ରାପଡ଼ା, ୧୨/୦୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ତଥା ପାଟକୁରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସଂପର୍କରେ ଜିଲ୍ଲା ନାର୍ବାଡ ଅଧିକାରୀ ଅଶୋକ କୁମାର ଆଚାର୍ଯ୍ୟଙ୍କ ସହିତ ଓଡିଶା ଖଦି ଓ ଗ୍ରାମ ଉଦ୍ୟୋଗ ବୋର୍ଡର ସଭାପତି ତେଜେଶ୍ୱର ପରିଡା ଆଲୋଚନା କରିବା ସହିତ ସମସ୍ୟା ଗୁଡିକୁ ସମାଧାନ କରିବା ପାଇଁ ସହଯୋଗର ହାତ ବଢାଇବାକୁ ଅନୁରୋଧ କରିଛନ୍ତି । ଡେରାବିଶ ବ୍ଲକ ଖମାଳ ପଂଚାୟତ ବଡଫଗଳ ଅଂଚଳରେ ପ୍ରାୟ ୨୦ ଏକର ଜମିରେ ଟମାଟୋ ଚାଷ ହେଉଥିବା ବେଳେ ସଠିକ୍ ବ୍ୟବସ୍ଥା ନଥିବାରୁ ଚାଷୀମାନେ ବହୁତ ଅସୁବିଧାରେ ପଡୁଛନ୍ତି । ମାର୍ଶାଘାଇ ବ୍ଲକର ମେହେନ୍ଦୀ ନଗର, ବଛରାଇ, ବନ୍ଧକଟା ଇତ୍ୟାଦି ପଂଚାୟତରେ କେନାଲ ଜଳ ସେଚନ ବ୍ୟବସ୍ଥା ସଂପୂର୍ଣ୍ଣ ବନ୍ଦ ପଡିଥିବା ବେଳେ ଏହାର ପୁନରୁଦ୍ଧାର କରିବା, ଲୁଣା, ଚିତ୍ରୋତ୍ପଳା ନଦୀ ମଧ୍ୟବର୍ତୀ ଗହଗାପାଟ ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ନାର୍ବାଡର ସହଯୋଗ ନିହାତି ଆବଶ୍ୟକ । ଗହଗାପାଟର ଜଳକୁ ଚିତ୍ରୋତ୍ପଳା ପରିବର୍ତେ ଲୁଣା ନଦୀରେ ନିଷ୍କାସନ ଓ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ପାଇଁ ଯୋଜନା କାର୍ଯ୍ୟାକାରୀ ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି । ଆଦି ବିଷୟ ଗୁଡିକୁ ନେଇ ଶ୍ରୀ ପରିଡା ସମସ୍ୟା ଗୁଡିକୁ ଶିଘ୍ର ସମାଧାନ କରିବା ପାଇଁ ନାର୍ବାଡ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି ।

କବି ବ୍ରଜନାଥ ରଥଙ୍କ ୮୭ତମ ଜୟନ୍ତୀ ଓ ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ପଞ୍ଚଦଶ ପ୍ରତିଷ୍ଠା ଦିବସ ପାଳିତ

ବାଲେଶ୍ୱର, ୧୨/୦୧ (ନି.ପ୍ର): କବି ବ୍ରଜନାଥ ରଥଙ୍କ ସୁନହଟ ସ୍ଥିତ ବାସଭବନ ପରିସରରେ କବି ବ୍ରଜନାଥ ରଥଙ୍କ ୮୭ତମ ଜୟନ୍ତୀ, ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରର ପଂଚଦଶ ପ୍ରତିଷ୍ଠା ଦିବସ ଓ ବନ୍ଧୁ ମିଳନ କବି ବ୍ରଜନାଥ ରଥ ଫାଉଣ୍ଡେସ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଫକୀରମହୋନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ଼.ସନ୍ତୋଷ କୁମାର ତ୍ରୀପାଠୀ ଯୋଗ ଦେଇ କବି ବ୍ରଜନାଥ ରଥଙ୍କ କାବ୍ୟକୃତିର ବୌଶିଷ୍ଟ୍ୟ ସଂପର୍କରେ ସମ୍ୟକ୍ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ କବି ବ୍ରଜନାଥ ରଥଙ୍କର ଓଡ଼ିଆକାବ୍ୟ ଜଗତରେ ସ୍ୱତନ୍ତ୍ରସ୍ଥାନ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ସେ କହିଥିଲେ କବି ରଥ ତାଙ୍କ ପାଇଁ ଏବଂ ତାଙ୍କ ଭଳି ଓଡ଼ିଶାର ବହୁ ସାହିତ୍ୟର ଉପାସକ ମାନଙ୍କପାଇଁ ଥିଲେ ଅନନ୍ୟ ପ୍ରେରଣାର ଉତ୍ସ । ସମ୍ମାନିତ ଅତିଥି ଭାବରେ କେନ୍ଦ୍ରସାହିତ୍ୟ ଏକାଡ଼େମୀର ଆବାହକ ଡ଼.ବିଜୟାନନ୍ଦ ସିଂ କବି ରଥଙ୍କର ସ୍ମୃତି ଚାରଣ କରି କହିଥିଲେ ଯେ ସେ ଥିଲେ ଓଡଆ ସାହିତ୍ୟଜଗତର ଉତ୍ତରକବାଟ । ଫକୀର ମୋହନଙ୍କ ଭୂମିରେ ଜନ୍ମ ନେଇ ସେ ଓ ମନୋଜ ଦାସ ସାହିତ୍ୟର ଯେଉଁ ସେବା କରିଯାଇଛନ୍ତି ତାହା ଓଡ଼ିଆ ଭାଷା ସାହିତ୍ୟର ଇତିହାସରେ ଅବିସ୍ମରଣିୟ ହୋଇ ରହିବ । ଉତ୍ସବରେ ଟ୍ରଷ୍ଟର ଉପଦେଷ୍ଟା ଆଦିବାସୀ ଲୋକସାହିତ୍ୟ ଓ ପ୍ରଗତିଶୀଳ ସାହିତ୍ୟର ବିଶିଷ୍ଟ ସ୍ରଷ୍ଟା ବିଜୟ ଉପାଧ୍ୟାୟ ସଭାପତିତ୍ୱ କରି କବି ବ୍ରଜନାଥ ରଥ କେମିତି ଦଳିତ ନିଷ୍ପେସିତ କୋଟି ମଣିଷର ସ୍ୱର ଥିଲେ ବୋଲି କହିଥିଲେ । ପ୍ରାକ୍‌ସୂଚନା କବି କାଳିପଦ ପଣ୍ଡା ପ୍ରଦାନ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ କବି କାଳିକିଙ୍କର ଦାସ । ଶେଷରେ କବିଙ୍କର ସାନପୁଅ ବ୍ରହ୍ମ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପରିପ୍ରେକ୍ଷୀରେ ପୂର୍ବ ବର୍ଷଭଳି ଚଳିତବର୍ଷ ବ୍ରଜନାଥ ରଥ ସାରସତ୍ୱ ସମ୍ମାନ -୨୦୨୨ ବିଶିଷ୍ଟ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନଙ୍କୁ ପ୍ରଦାନ କରାଯାଇଥିବା ବେଳେ ବ୍ରଜନାଥ ରଥ ସ୍ମୃତି ସମ୍ମାନ -୨୦୨୨ ପ୍ରଦାନ କରାଯାଇଥିଲା ବିଶିଷ୍ଟ ଗବେଷକ ଓ ଲେଖକ ବିଜୟାନନ୍ଦ ସିଂଙ୍କୁ । ଉଭୟଙ୍କୁ ନଗଦ ଅର୍ଥରାଶି ୨୫ହଜାର ଓ ୫ହଜାର ସମେତ ପ୍ରଶସ୍ତିଫଳକ ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ କବି ବ୍ରଜନାଥ ରଥଙ୍କ ପୁସ୍ତକ ଗୁଡ଼ିକୁ ହିନ୍ଦୀରେ ଅନୁବାଦ କରିଥିବା ଅଧ୍ୟାପକ ଡ଼. ବିଜୟ ମହାନ୍ତିଙ୍କୁ ବ୍ରଜନାଥ ରଥ ସମ୍ବର୍ଦ୍ଧନା ୨୦୨୨ ପ୍ରଦାନ କରାଯାଇଥିଲା । ଅତିଥିମାନେ ପ୍ରାରମ୍ଭରେ କାଳିକିଙ୍କର ଦାସଙ୍କର ଗଳ୍ପ ସଂକଳନ ପ୍ରେମିକା ଓ ପ୍ରିୟତମା, ଶରତଚନ୍ଦ୍ର ମିଶ୍ରଙ୍କର ଆତ୍ମଜୀବନୀ ଅପରାହ୍ନର ମୁହଁ, ସିନ୍ଧୁସେନଙ୍କର ପୌରାଣିକ ଉପନ୍ୟାସ ଦୂରନ୍ତ ଶିଖା ତଥା କବି ବ୍ରଜନାଥ ରଥଙ୍କର କାଳଜୟୀ କବିତା ସଂକଳନ ସାମାନ୍ୟ ଅସାମାନ୍ୟର ଡ଼.ବିଜୟ କୁମାର ମହାନ୍ତିଙ୍କ ଅନୁବାଦ ପୁସ୍ତକକୁ ଉନ୍ମୋଚନ କରିଥିଲେ । କୋଭିଡ଼ କଟକଣା ଅନୁଯାଇ ସମସ୍ତ କାର୍ଯ୍ୟ କରାଯାଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନାରେ ସହାୟତା କରିଥିଲେ ଟ୍ରଷ୍ଟର ଟ୍ରଷ୍ଟି ବ୍ୟୋମନାଥ ରଥ, ବ୍ରହ୍ମ ରଥ, ବିଧୁନାଥ ରଥ, ଡ଼ା.ମୃତ୍ୟୁଞ୍ଜୟ ମିଶ୍ର, ପରମାନନ୍ଦ ପଣ୍ଡା, ରାଧାନାଥ ରଥ ଓ ଓଜସ୍ୱିନୀ ମିଶ୍ର ପ୍ରମୁଖ । କାର୍ଯ୍ୟକ୍ରମର ପ୍ରାରମ୍ଭରେ କବି ବ୍ରଜନାଥ ରଥଙ୍କ ନିର୍ବାଚିତ କବିତାକୁ ବିଭିନ୍ନ କବି ପାଠ କରିଥିଲେ ।

ବର୍ଷାରେ ଭିଜିଲା ମଣ୍ଡିରେ ଧାନ

ଭଦ୍ରକ, ୧୨/୦୧ (ନି.ପ୍ର): ପାଣିପାଗ ବିଭାଗ ତରଫରୁ ୧୧ତାରିଖ ଠାରୁ ବର୍ଷା ହେବାର ପ୍ରାକ ସୂଚନା ଦିଆଯାଇଥିଲା । ତଦନୁସାରେ ମଙ୍ଗଳବାର ରାତିରୁ ବର୍ଷା ଆରମ୍ଭ ହୋଇଛି । ବର୍ଷା ହେବା ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି । ବର୍ଷକର ପରିଶ୍ରମ ସବୁ ବର୍ଷା ଯୋଗୁଁ ଧୋଇ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି । ଡ଼ିସେମ୍ବର ମାସ ଆରମ୍ଭରେ ସାମୁଦ୍ରିତ ଝଡ଼ ଜଓ୍ୱାଦ ପ୍ରଭାବରୁ ଚାଷୀ ମୂକୁଳି ପାରି ନଥିବା ବେଳେ ଏହି ଅଦିନିଆ ବର୍ଷା ହେବା ଦ୍ୱାରା ଆଗରପଡ଼ା ତଥା ଏହାର ଆଖପାଖ ଅଂଚଳରେ ଥିବା ଚାଷୀମାନେ ରଣ ଯନ୍ତ୍ରାରେ ପଡ଼ି ଛଟପଟ ହେବା ସାର ହୋଇଛି । ଏଠାକାର ଅଂଚଳରେ ପ୍ରାୟ ୮୦ ପ୍ରତିଶତ ଲୋକ କେବଳ ଧାନଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି । ଏହି ଚାଷକୁ ଛାଡ଼ିଦେଲେ ଆୟ କରିବାର ଅନ୍ୟ କିଛି ପନ୍ଥା ନାହିଁ । ବହୁ ଲୋକ ବ୍ୟାଙ୍କ ଋଣ କିମ୍ବା ଗାଉଁଲି ଧାର କରଜ କରି ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି । ଏଥର ମଧ୍ୟ ଠିକ୍ ସେପରି ଉପାୟରେ ଧାନ ଚାଷ କରିଥିଲେ । ଅନେକ ଭାଗ ଚାଷୀ ମଧ୍ୟ ରହିଛନ୍ତି । ଆଉ କିଛି ଲୋକ ପାଗକୁ ଦେଖି ତରବରିଆ ଭାବେ ଖଳାରେ ଆଣି ଧାନକୁ ରଖିଥିଲେ ସୁଦ୍ଧା ଏଠାରେ ମଧ୍ୟ ସମ ପରିସ୍ଥିତି ସୃଷ୍ଟି ହୋଇଛି । ସରକାରୀ ସ୍ତରରେ କିଛି ଦିନ ତଳେ ମଣ୍ଡି ମାନ ଖୋଲା ଯାଇଛି । ଯେଉଁଠାରେ ଚାଷୀମାନେ ଧାନ ଦେବା ଆରମ୍ଭ କରିଛନ୍ତି । ଖୋଲା ଆକାଶ ତଳେ ଧାନ ଗୁଡ଼ିକ ପଡ଼ି ରହିଥିବା ବେଳେ ଏହି ବର୍ଷା ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣ କରିଦେଇଛି । ପୂର୍ବ ବର୍ଷ ପରି ପ୍ରକୃତି ପୁଣି ଦାଉ ସାଜିବନିତ ଏହି ଚିନ୍ତାରେ ଚାଷୀର ନିଦ ହଜିଯାଇଥିବା ପରିଲକ୍ଷିତ ହୋଇଛି ।

ସନ୍ତାନଙ୍କ ମଙ୍ଗଳମନାସି ସୂର୍ଯ୍ୟପୂଜା ଓ ଶାମ୍ବଦଶମୀ ପାଳିତ

ପୁରୀ, ୧୨/୦୧ (ନି.ପ୍ର): ସକଳ ଶକ୍ତିର ଆଧାର ସୂର୍ଯ୍ୟ । ସୂର୍ଯ୍ୟଙ୍କ କିରଣରେ ଅନେକ ରୋଗ ଭଲ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଉତ୍କଳୀୟ ପରମ୍ପରାରେ ଚନ୍ଦ୍ରପୂଜା ପାଇଁ କୁମାର ପୂର୍ଣ୍ଣମୀ ଓ ସୂର୍ଯ୍ୟପୂଜା ପାଇଁ ଶାମ୍ବଦଶମୀ ପୂଜା ବିଧି ରହିଛି । ସନ୍ତାନମାନଙ୍କ ମଙ୍ଗଳମନାସି ରୋଗମୁକ୍ତ ଓ ଦୀର୍ଘଜୀବୀ ପାଇଁ ମାମାନେ ଏହି ପୂଜା କରିବାର ପରମ୍ପରା ରହିଛି । ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଅଭିଶାପ ଗ୍ରସ୍ତ ହୋଇ କୁଷ୍ଠ ରୋଗରେ ପୀଡ଼ିତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ ପରାମର୍ଶ କ୍ରମେ ଅର୍କକ୍ଷେତ୍ର କୋଣାର୍କରେ ଦୀର୍ଘ ୧୨ବର୍ଷ ସୂର୍ଯ୍ୟପୂଜା କରି ସେ ଅଭିଶାପରୁ ମୁକ୍ତି ପାଇଥିଲେ । ଏହି ଦିନକୁ ଶାମ୍ବ ଦଶମୀ ଭାବେ ପାଳନ କରାଯାଉଛି । ପୌଷମାସ ଦଶମୀରେ ଶାମ୍ବଦଶମୀ ପାଳନ କରାଯାଏ । ସୂର୍ଯ୍ୟଙ୍କ ତିନି ଅବସ୍ଥାକୁ ନେଇ ତୁଳସୀ ଚଉରାମୂଳେ ଏହି ପୂଜାବିଧି କରାଯାଇଥାଏ । ତଦନୁଯାୟୀ, ସକାଳ ଅରୁଣୋଦୟ ସୂର୍ଯ୍ୟଙ୍କୁ ବାଳ ଧୂପରେ କାକରା, ଛଣାମଣ୍ଡା, ଗଇଁଠା, ଅଙ୍ଗକାଳି, ଫଳମୂଳ, ଶାକର, ମୁଆଁ,ରସଗୋଲା, ମାଲପୁଆ, ଗଜା ଓ ପାଚିଲା କଦଳୀ ପୂଜା କରିବାର ବିଧି ରହିଛି । ମଧ୍ୟାହ୍ନ ଧୂପରେ ଖେଚୁଡ଼ି, ଘାଂଟ ତରକାରୀ , ଲଡ୍ଡୁ, ଗଜା, ମଣ୍ଡା, ପୋଡ଼ପିଠା, ଆରିସା, ବିରିଲଡ୍ଡୁ, ମକରଚାଉଳ, ଛେନାକୁଡ଼ୁ, ଦହିଭାତ, ଖିରୀ, ରସଗୋଲା ଓ ଛେନାଗଜା ଭୋଗ କରାଯାଇଥାଏ । ସନ୍ଧ୍ୟାଧୂପରେ ସୂର୍ଯ୍ୟଙ୍କ ପୁତ୍ର ଯମଙ୍କୁ ସନ୍ତୁଷ୍ଟ କରିବା ପାଇଁ ବୁଢା ଚକୁଳି ଭୋଗ କରାଯାଇଥାଏ । ଯମ ସନ୍ତୁଷ୍ଟ ହେଲେ ପରିବାରରେ ରୋଗ ବ୍ୟାଧି ପଶିନଥାଏ । ଏହି ଧୂପରେ ମଧ୍ୟ ଏଣ୍ଡୁରି, କାକରା, ମାଲପୁଆ, ଖୀରଗଜା ଆଦି ନୈବିଦ୍ୟ କରାଯାଇଥାଏ । ସକାଳୁ ସଧବା ମହିଳାମାନେ ଶୁଦ୍ଧପୂତ ଭାବେ ସ୍ନାନକରି ଚଉରାମୂଳେ ଲିପାପୋଛା କରିବା ସହ ଝୋଟିଚିତା ଅଙ୍କନ କରିଥିଲେ । ପିଢା ଉପରେ ମୁରୁଜରେ ସୂର୍ଯ୍ୟଙ୍କ ଚିତ୍ର ଅଙ୍କନ କରି ଗଳିଗୁଆକୁ ହଳଦିରେ ସ୍ନାନ କରାଇ ସ୍ଥାପନ କରିଥିଲେ । ପାଖରେ ଫୁଲ, ଚନ୍ଦନ, ଦୂବ, ବରକୋଳିପତ୍ର ରଖି ସୂର୍ଯ୍ୟପୂଜା କରୁଥିବା ଦେଖିବାକୁ ମିଳିଥିଲା ।

ଭାଷା ସାହିତ୍ୟ ସଂସ୍କୃତିର ବିକାଶ ହିଁ ଗୋଟିଏ ଜାତିର ପରିଚିତି

ଶଂଖର ନବକଳେବର ସଂଖ୍ୟାର ଉନ୍ମୋଚନ ଉତ୍ସବ

ବାରିପଦା,୧୨/୦୧ (ନି.ପ୍ର): ଭାଷା ସାହିତ୍ୟ ସଂସ୍କୃତି ଗୋଟିଏ ଜାତିର ପରିଚିତି । ସାହିତ୍ୟ ସେବା ଠାରୁ ଆରମ୍ଭ କରି ରାଜନୀତି ବିଜ୍ଞାନ ଏପରି ଆମ ଜନ ଜୀବନରେ ଭରି ରହିଛି । ସାଂସ୍କୃତିକ ବିକାଶ ହିଁ ପ୍ରକୃତ ବିକାଶ । ତେଣୁ ପୂର୍ବ ସୂରୀଙ୍କ ଗୌରବରେ ଆମକୁ ଗୌରବାନ୍ୱିତ ହେବାକୁ ପଡିବ । ଚିନ୍ତନରେ ଏବଂ ଆଚରଣରେ ଶୁଦ୍ଧ